## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଛତିଆ,(ଡି.ଏନ.ଏ.): ବଡ଼ଚଣା ବ୍ଲକ ବୈରୀ ଝାଟିଆ ଗ୍ରାମରୁ ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ବୈରୀ ଥାନା ପୋଲିସ ଜବତ କରିଛି । ସମ୍ପୃକ୍ତ ବ୍ୟକ୍ତି ଗାଁରେ ପଡି ରହିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଦେଖି ବୈରୀ ଥାନାକୁ ଖବର ଦେଇଥିଲେ । ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଗତ ୩ ଦିନ ହେବ ଗ୍ରାମରେ ଏଣେତେଣେ ଘୁରି ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଅଂଶୁଘାତରେ ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ।

# ସଶକ୍ତ, ସମୃଦ୍ଧ ଓଡ଼ିଶା ଗଠନ ଉପରେ ଗୁରୁତ୍ୱ

## ଧର୍ମଶାଳା ବିଜେଡି ପକ୍ଷରୁ ଶ୍ରାଦ୍ଧ ଦିବସ ପାଳିତ

**ଧର୍ମଶାଳା,୧୭।୪(ଡି.ଏନ.ଏ.):**

ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଧର୍ମଶାଳା ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ସୋମବାର ସକାଳ ୭ରୁ ବିଜେଡି, ଯୁବ ବିଜେଡି, ମହିଳା ବିଜେଡି,ଛାତ୍ର ବିଜେଡି, ବିଜେଡି ଗାର୍ଲସ ୱିଙ୍ଗ ପକ୍ଷରୁ ଜାରକା ବଜାର, ଶାନ୍ତି ବଜାର, କାଏମା ଓ ଧର୍ମଶାଳା ଡାକ୍ତରଖାନା ପରିସରକୁ ସଫେଇ କରାଯାଇଥିଲା । ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏବଂ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସକାଳ ୯ ଘଟିକା ସମୟରେ ବିଜେଡି ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା ବେଳେ ବିଧାୟକଙ୍କ ନେତୃତ୍ୱରେ କର୍ମୀମାନେ ସଶକ୍ତ, ସମୃଦ୍ଧ, ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ କରିବାରେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ୍ର, ଉକ୍ଳମଣୀ ଦାସ, ଦୁଃଶାସନ ସାହୁ, ପ୍ରହ୍ଲାଦ ଲେଙ୍କା, ନିରଞ୍ଜନ ରାଉତ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ,ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ,ବ୍ଲକ ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଗାର୍ଲସ ୱିଙ୍ଗ୍ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲ୍ଲିକ ଏବଂ ଦଳର ସମସ୍ତ ବିଜେଡି କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ ସମୀକ୍ଷା ସାମଲ ପ୍ରଥମ, ରଶ୍ମିରେଖା ରାଉଳ ଦ୍ୱିତୀୟ , ରୂପାଲି କର ତୃତୀୟ ଓ ପ୍ରବନ୍ଧ ଲିଖନରେ ବିଶ୍ୱରଞ୍ଜନ କବ ପ୍ରଥମ , ତମନ୍ନା ସ୍ୱାଇଁ ଦ୍ୱିତୀୟ, ପ୍ରଜ୍ଞା ପ୍ରିୟଦର୍ଶନୀ ରାଉତ ତୃତୀୟ , ବକ୍ତୃତା ପ୍ରତିଯୋଗିତାରେ ଅର୍ଘ୍ୟରୂପା ନାୟକ ପ୍ରଥମ , କ୍ଷୀରାବ୍ଧି ତନୟା ମଲ୍ଲିକ୍ ଓ ଦିନବନ୍ଧୁ ଲେଙ୍କା ଦ୍ୱିତୀୟ ଏବଂ ଆଲାମ ନାୟକ ତୃତୀୟ ହୋଇ ବିଧାୟକଙ୍କ ଦ୍ୱାରା ପ୍ରମାଣପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ସିଂହାପୁରସ୍ଥିତ ନାରାୟଣ ଗୋସାଇଁଙ୍କ ପାଖରେ ବିଜେଡି ତରଫରୁ ଦୀପ ଦାନ କରାଯାଇଥିଲା


ଧର୍ମଶାଳା ବିଜେଡି ପକ୍ଷରୁ ଆୟୋଜିତ ସଭାରେ ବିଧାୟକ ପ୍ରଣବ ବଳବନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି ।

## ସଂକ୍ଷେପରେ

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଶିକ୍ଷକ ଗୌରବ ସମ୍ମାନ



ବଡ଼ଚଣା,୧୭।୪(ଡି.ଏନ୍.ଏ.):ବଡ଼ଚଣାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ କରଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଟାଙ୍ଗୀ ବିଦ୍ୟାପୀଠରେ ପ୍ଲାଟିନମ୍ ଜୁବ୍‌ଲି ସମାରୋହ -୨୦୨୩ ଅବସରରେ ପୁରାତନ ଛାତ୍ରସଂଘ ଦ୍ୱାରା ଆୟୋଜିତ ଉତ୍ସବରେ କରଙ୍କୁ ମାନପତ୍ର,ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସଭାପତି ପ୍ରଫୁଲ୍ଲ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ରଜନୀକାନ୍ତ ସିଂହ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ଚାକିରିରୁ ଅବସର ପରେ କର ତ୍ରୟମାସିକ ସାହିତ୍ୟ ପତ୍ରିକା ବନଜ୍ୟୋତିର ସମ୍ପାଦନା ଦାୟିତ୍ୱ ସମ୍ଭାଳିବା ସହିତ ଓକିଲାତି କରୁଛନ୍ତି । ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମାନୀତ ହୋଇଛନ୍ତି।

### ହୃଦ୍‌ଘାତରେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ମୃତ୍ୟୁ

ସିଂହାପୁର ଯାତ୍ରା ପଡ଼ିଆରେ ଅଘଟଣ

ରସୁଲପୁର,୧୭।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ସିଂହାପୁର ଯାତ୍ରାରେ ଅଘଟଣ ଘଟିଛି । ସୋମବାର ପଶ୍ଚିମ ବଙ୍ଗର ଜଣେ ମଶିଣା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମଦନ ମୋହନ ମେକାପ(୬୫) । ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଶୀତଳଦା । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଯାତ୍ରା ପଡିଆରେ ଅବ୍ୟବସ୍ଥା ଓ ଅତ୍ୟାଧିକ ଗରମ, ଗୁଳୁଗୁଳି ଯୋଗୁ ଅଂଶୁଘାତରେ ମଦନଙ୍କ ମୃତ୍ୟୁ ହେଲା ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ହେଲେ ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜ୍ୟୋତି ପ୍ରକାଶ ପଣ୍ଡା ମୃତ୍ୟୁର କାରଣ ହୃଦଘାତ ଜନିତ ବୋଲି ପ୍ରକାଶ କରୁଛନ୍ତି । ଯାତ୍ରା ଅବଧିକୁ ୨ଦିନ ବଢ଼ାଇବା ନିଷ୍ପତ୍ତି ଯୋଗୁ ଯାତ୍ରା ପଡିଆରେ ଏଭଳି ଅଘଟଣା ଘଟିଲା ବୋଲି ଭକ୍ତମାନଙ୍କ ମହଲରେ ମତ ପ୍ରକାଶ ପାଉଛି ।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ୧ଟା ୫୦ମିନଟ ସମୟରେ ମଶିଣା ବ୍ୟବସାୟୀ ମଦନ ମୋହନ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ସିଂହାପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ । ଏ ସମ୍ପର୍କରେ କୁଆଖିଆ ଥାନା ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇ ଦେଇଛନ୍ତି । ଏ ଦିଗରେ ରାଜପରିବାର ରାଜଜେମା ଅପର୍ଣ୍ଣା ଧିର ସିଂ ଭରଦ୍ୱାଜଙ୍କୁ ପଚାରିବାରୁ ଯାତ୍ରା ଅବଧି ବଢ଼ାଇବାକୁ ନେଇ ତାଙ୍କର କୌଣସି ଭୂମିକା ନାହିଁ । ପରିଚାଳନା କମିଟି ଗଠନ ସମ୍ପର୍କରେ ସେ ଅବଗତ ନାହାଁନ୍ତି । ବିଧି ମୁତାବକ ପ୍ରଭୁ ଜଳାଶାୟୀ ହେବା ପରେ ରାଜ ପରିବାରର ପୂଜା ପରିଚାଳନା କାର୍ଯ୍ୟ ସମ୍ପନ୍ନ କରିଥିଲା । ତା'ପରେ କ'ଣ ଘଟିଛି ସେ କହି ପାରିବେ ନାହିଁ ବୋଲି କହିଥିଲେ ।

# ସବୁଠି ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି

**ବଡ଼ଚଣା/ଚଣ୍ଡୀଖୋଲ, ୧୭।୪(ଡି.ଏନ୍.ଏ.)**

ମହାନ ଜନନାୟକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଚିନ୍ତାଧାରା, ତ୍ୟାଗ, ସେବା, ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହୋଇ ଏକ ସମୃଦ୍ଧ ସଶକ୍ତ ଓଡ଼ିଶା ଗଠନ ପାଇଁ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ଆହ୍ୱାନ ଦିଆଯାଇଛି। ସୋମବାର ବଡ଼ଚଣା ବିଜେଡି ପକ୍ଷରୁ ଚଣ୍ଡିଖୋଲ ଛକ, ବିଜୁ କଲ୍ୟାଣ ମଣ୍ଡପ, ଓ ଦଳୀୟ କାର୍ଯ୍ୟାଳୟଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯାଜପୁର ଜିଲା ଉପାଧକ୍ଷ ଗଣେଶ୍ୱର ବରାଳ,ପଲ୍ଲୀମଙ୍ଗଳ ସେବା ସମବାୟ ସମିତି ଅଧକ୍ଷ ସଞ୍ଜୟ କୁମାର ସ୍ୱାଇଁ, ଆମ୍ବାର ଅଧକ୍ଷ ନିରଞ୍ଜନ ସେନାପତି, ପ୍ରଶାନ୍ତ କୁମାର ଜେନା, ପ୍ରିୟବ୍ରତ ଖିଲାର, ଜିତେନ୍ଦ୍ର ସ୍ୱାଇଁ, ଯତିନ୍ଦ୍ର ନାୟକ, ସୁନିଲ ଜେନା, ମହମ୍ମଦ ଇମ୍ରାନ୍, ଅରୁଣ କୁମାର ନାୟକ, ରଞ୍ଜନ କମାର ବାରିକ, ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ବାଳିଚନ୍ଦ୍ରପୁରଠାରେ ବିଜେଡି ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନାଙ୍କ ଅଧକ୍ଷତାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସାରଦା ପ୍ରସନ୍ନ ମହାନ୍ତି, ମନ୍ମଥ କେଶରୀ ସାହେବ ରାୟ, ଫନିନ୍ଦ୍ର ପଣ୍ଡା, କିଶୋର ଚନ୍ଦ୍ର ବେହୁରା ପ୍ରମୁଖ ଯୋଗଦେଇ ଥିଲେ।


ବଡ଼ଚଣା ବିଜେଡି ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ବେଆଇନ ଇଟାଭାଟି ଉପରେ ଚଢ଼ାଉ


ଅଗ୍ନିଶମ କର୍ମଚାରୀମାନେ ଇଟାଭାଟିରେ ପାଣି ପକାଇ ନିଆଁ ଲିଭାଉଛନ୍ତି ।

**ବରୀ,୧୭।୪(ଡି.ଏନ.ଏ.)**

ବରୀ ତହସିଲ ଅଧୀନରେ ଦୀର୍ଘଦିନରୁ ଚାଲିଥିବା ବେଆଇନ ଇଟା ଉପରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଘରୋଇ କାମ ପାଇଁ ଇଟା ତିଆରି କରୁଥିବା ଦର୍ଶାଇ ଏହି ଇଟା ଭାଟି ଚାଲିଥିଲା । ହେଲେ ଇଟା ଭାଟି ମାଲିକ ପୋଡ଼ା ଇଟାର ବ୍ୟବସାୟ କରୁଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ବରୀ ତହସିଲଦାର ତିଳୋତ୍ତମା ପୃଷ୍ଟି ସୋମବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ତାଙ୍କ ନିର୍ଦ୍ଦେଶରେ ଅଗ୍ନିଶମ ବାହିନୀ ଉକ୍ତ ଇଟାଭାଟିରେ ପାଣି ପକାଇ ନଷ୍ଟ କରିଛନ୍ତି । ତହସିଲଦାରଙ୍କ ଏପରି କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ବରୀ ତହସିଲ ଅଧୀନ ବିଭିନ୍ନ ରାଜସ୍ୱ ଗ୍ରାମରେ ବେଆଇନ ଇଟାଭାଟି ଉପରେ ଅଙ୍କୁଶ ଲଗାଯିବ ବୋଲି ସେ କହିଛନ୍ତି ।

# ବୈଠକ ପାଇଁ ନିଷ୍ପତ୍ତି ପରେ ଅନଶନ ସ୍ଥଗିତ

**ବାଞ୍ଛାନିଧି ଦାସଙ୍କୁ ଜାତୀୟ କବି ମାନ୍ୟତା ପ୍ରଦାନ ଦାବି ଜୋର ଧରିଲା**

**ବରୀ,୧୭।୪(ଡି.ଏନ.ଏ.)**

ଜାତୀୟ କବି ଭାବେ ବାଞ୍ଛାନିଧି ଦାସଙ୍କୁ ମାନ୍ୟତା ଦିଆଯାଇ ନ ଥିବା ଦର୍ଶାଇ ବରୀ ପୂଜ୍ୟପୂଜା ପରିଷଦ ତରଫରୁ ବରୀ ଶିକ୍ଷାମଣ୍ଡଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆବାହକ ସତ୍ୟ କରଙ୍କ ନେତୃତ୍ୱରେ ସୋମବାର ସକାଳ ୮ ଟାରୁ ଅନଶନ ଆରମ୍ଭ ହୋଇଥିଲା । ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସଫଳତା ମିଳି ନ ଥିଲା । ପରେ ବରୀ ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡି ପହଞ୍ଚି ଜିଲା ଶିକ୍ଷାଧିକାରୀଙ୍କ ସହ ଫୋନ୍‌ରେ ଆଲୋଚନା କରିଥିଲେ । ମଙ୍ଗଳବାର ଏହାକୁ ନେଇ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାର ସୂଚନା ମିଳିଛି। ଚଳିତ ବର୍ଷ କବି ବାଞ୍ଛାନିଧି ଦାସଙ୍କ ଜନ୍ମ ଶତବାର୍ଷିକ ପାଳିତ ହେଉଛି। ଏଥିପାଇଁ ବରୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ଏପରି ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ପଚାରିବାରେ ଇତିହାସ ପୃଷ୍ଠାରେ ଯାହା ଉଲ୍ଲେଖ ରହିଛି ତାହାକୁ ଆମେ ସମ୍ମାନ ଦେବୁ। ପୂଜ୍ୟପୂଜା ପରିଷଦ ସହିତ ଆଲୋଚନା କରି ସେ ବିଷୟରେ ସଂସ୍କୃତି ବିଭାଗକୁ ଅବଗତ କରିବୁ ବୋଲି କହିଛନ୍ତି । ବ୍ଲକ୍ ଶିକ୍ଷାଧିକାରୀ ଷଡ଼ଙ୍ଗୀ କୁହିଛନ୍ତି, ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟରେ ଜିଲା ଶିକ୍ଷାଧିକାରୀଙ୍କ ସମେତ ପୂଜ୍ୟପୂଜା ପରିଷଦର କର୍ମକର୍ତ୍ତାଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ପରିଷଦର ଆବାହକ କର କହିଛନ୍ତି, ବରୀ ବ୍ଲକ୍ ଅଧକ୍ଷ ଗେଡିଙ୍କ ଅନୁରୋଧ କ୍ରମେ ଅନଶନ ସ୍ଥଗିତ ରଖାଯାଇଛି । ମଙ୍ଗଳବାର ଏହି ବିଷୟରେ ଆଲୋଚନା କରାଯିବ। ଯଦି କବି ଦାସଙ୍କୁ ଜାତୀୟ କବି ଭାବେ ମାନ୍ୟତା ଦିଆ ନ ଯାଏ ତା'ହେଲେ ପୁନଶ୍ଚ ଆମେ ଅନଶନରେ ବସିବୁ।

## ବିଜୁ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା, ସମୂହ ଦୀପଦାନ

**ରସୁଲପୁର,୧୭।୪(ଡି.ଏନ.ଏ.)**

ବିଜୁ ପଟ୍ଟନାୟକ ବିଶ୍ୱସ୍ତରର ନେତା ଥିଲେ । ତାଙ୍କ ମରଶରୀର ଉପରେ ଭାରତ, ଇଣ୍ଡୋନେସିଆ, ଋଷିଆ ଆଦି ୩ ଦେଶର ଜାତୀୟ ପତାକାରେ ଢଙ୍କାଯିବା ତାହା ପ୍ରମାଣିତ କରିଛି ବୋଲି ସୋମବାର ସନ୍ଧ୍ୟାରେ ରସୁଲପୁର ବ୍ଲକ ଅନ୍ତର୍ଗତ ବରୀ ନିର୍ବାଚନ ମଣ୍ଡଳୀ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ସଭାରେ ପଞ୍ଚାୟତ ବିଜେଡି ସଭାପତି ସନାତନ ବାରିକ ପୌରୋହିତ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଗୁଣାଗାନ କରିବା ସହ ତାଙ୍କ ଉଦ୍ୟମ ଯୋଗୁ ମହିଳାମାନଙ୍କୁ ରାଜନୈତିକ ସ୍ୱାଧୀନତା ମିଳିପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଉପାଧକ୍ଷା ଜୟନ୍ତୀ ଦାସ, ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ସରପଞ୍ଚ ଦୁର୍ଗା ଦାସ, ସ୍ୱର୍ଣ୍ଣଲତା ସାହୁ, ବିକ୍ରମ ବେହେରା, ସମିତିସଭ୍ୟ ପ୍ରିୟରଞ୍ଜନ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ବେଣୁଧର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କ୍ରମରେ ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିର ବେଢାରେ ବିଜୁ ପ୍ରେମୀମାନେ ସମୂହ ଦୀପ ଦାନ କରିଥିଲେ।

## ବିଜୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଶପଥ

**ଧର୍ମଶାଳା,୧୭।୪(ଡି.ଏନ୍.ଏ.):**

ବିଜୁବାବୁ ଏକାଧାରରେ ଜଣେ ଦକ୍ଷ ପାଇଲଟ, ଶିଳ୍ପଦ୍ୟୋଗୀ,ବିଶିଷ୍ଟ ରାଜନେତା ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ଆଧୁନିକ ଓଡିଶାର ନିର୍ମାତା ଥିଲେ । ବିଜୁଙ୍କ ସେବା, ତ୍ୟାଗ, ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହୋଇ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ବିଜେଡିର ପ୍ରତିଷ୍ଠାତା ସଭ୍ୟ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ପରାମର୍ଶ ଦେବା ସହିତ ଶତାଧିକ ମହିଳା ପୁରୁଷଙ୍କୁ ଶପଥ ପାଠ କରାଇଛନ୍ତି।

ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ୟାମସୁନ୍ଦର ମନ୍ଦିର ପୁଷ୍କରିଣୀରେ ତିଳତର୍ପଣ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ରବି ଲାବଣ୍ୟ କର୍ତ୍ତା ଭାବେ ଯୋଗଦେଇ ତିଳତର୍ପଣ କରିଥିଲେ । ବିଜୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମୂହ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ସାହୁ, ପ୍ରଭାତ ପଣ୍ଡା, ଧିରେନ୍ଦ୍ର ଦାସ,ନିକୁଞ୍ଜ କିଶୋର ବଳ, ଭ୍ରମରବର ମଳିକ, କୃଷ୍ଣଚନ୍ଦ୍ର ଦାସ,ଛବିନ୍ଦ୍ର ଦାସ,ଅରକ୍ଷିତ ମଳିକ, ଶରତ ମଳିକ, ଟିମ ଦାସ, ସୌମ୍ୟରଞ୍ଜନ ସ୍ୱାଇଁ, ହେମନ୍ତ ଜେନା, ନବକିଶୋର ଜେନା, କିଶୋର ଜେନା, ମୃତ୍ୟୁଞ୍ଜୟ ସାହୁ, ଶ୍ରୀକାନ୍ତ ବାରିକ, ଅସିତ୍ କୁମାର ଜେନା, ରବିନାରାୟଣ ସାହୁ ପ୍ରମୁଖ ସାମିଲ ହୋଇ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ । ବରିଷ୍ଠ କର୍ମୀ ଭରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।


ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ବିଜେଡି କର୍ମୀଙ୍କ ସମୂହ ଦୀପଦାନ ।

# ସଙ୍ଗଠିତ ହେଉଛନ୍ତି ସହରବାସୀ, ନିଦ୍ରାରେ ପ୍ରଶାସନ

## ୧୯ ବନ୍ଦକୁ ସମର୍ଥନ ପାଇଁ ନିଷ୍ପତ୍ତି

**ଯାଜପୁର ରୋଡ,୧୭।୪(ଡି.ଏନ.ଏ.)**


ଧାରଣାରେ ବସିଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ।

ବ୍ୟାସନଗର ନାଗରିକ କମିଟି ଆନୁକୂଲ୍ୟରେ ଗଠନ କରାଯାଇଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ସହଯୋଗରେ ୫ ଦଫା ଦାବି ନେଇ ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ୧୩ ଦିନ ଧରି ଧାରଣା ଓ ଧର୍ମଘଟ ଚାଲିଛି । ତଥାପି ପ୍ରଶାସନ ଓ ସରକାର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ୧୯ ତାରିଖ ବନ୍ଦକୁ ସଫଳ କରିବା ପାଇଁ ସହରବାସୀ ସଙ୍ଗଠିତ ହେଉଥିବା ବେଳେ ଏଯାଏଁ କୌଣସି ସରକାରୀ ଓ ପ୍ରଶାସନିକ ଅଧିକାରୀ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ପାଇଁ ନ ଆସିବା ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ବନ୍ଦକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ସମସ୍ତ ରାଜନୈତିକ ଓ ଅଣରାଜନୈତିକ ସଙ୍ଗଠନ ସହିତ ସହରବାସୀଙ୍କୁ ନିବେଦନ କରାଯାଇଛି। ବନ୍ଦରେ ସମସ୍ତ ଗାଡ଼ି ମଟର,ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ ଦପ୍ତର ଓ ଅର୍ଥନୈତିକ ଅବରୋଧ ସାମିଲ ଥିବା ବେଳେ କେବଳ ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା ଓ ରେଳସେବା ଚାଲୁ ରହିବ ବୋଲି ବ୍ୟାସନଗର ନାଗରିକ କମିଟିର ସମ୍ପାଦକ ଓ ଆବାହକ ଦୁର୍ଯ୍ୟୋଧନ ରାଉତ ପ୍ରକାଶ କରିଛନ୍ତି।

ସୋମବାର ଧାରଣା ସ୍ଥଳରେ ପହଞ୍ଚି ଜମି ସୁରକ୍ଷା ପରିଷଦ ଓ ଓକିଲ ସଂଘର ବହୁ ସଦସ୍ୟ ୫ ଦଫା ଦାବିକୁ ସମର୍ଥନ ଜଣାଇଥିଲେ। ଭାରତୀୟ ଜନତା ପାର୍ଟି ଓ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଆଜି ବନ୍ଦ ସମର୍ଥନରେ ଲିଖିତ ଭାବେ ପ୍ରେସ ବିବୃତ୍ତି ପ୍ରଦାନ କରାଯାଇଛି । ସୋମବାର ଧାରଣାରେ ଆବାହକ ତଥା ଶ୍ରମିକ ନେତା ବିଦ୍ୟାଧର ମହାନ୍ତି,ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ଡ.ଦୁଷ୍ମନ୍ତ କୁମାର ନାୟକ,ପ୍ରଫୁଲ୍ଲ ନାୟକ, ଆଡଭୋକେଟ ଚନ୍ଦ୍ରଶେଖର ପଣ୍ଡା, ଚନ୍ଦ୍ରମଣି ସାମଲ, ରାଜେନ୍ଦ୍ର ବିଶ୍ୱାଳ, ସଦାଶିବ ଦାଶ,ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା, ହୃଷିକେଶ ସାହୁ, ନରେନ୍ଦ୍ର ଜେନା, ଜ୍ଞାନରଞ୍ଜନ ରାଉତ, ସୁଜୀତ ମଲ୍ଲିକ,ହେମନ୍ତ ଧୀର, ଜ୍ଞାନରଞ୍ଜନ ଓଝା, ସରୋଜ ଦେ, ରବିନ୍ଦ୍ର ନାୟକ,ପ୍ରସନ୍ନ ପରିଜ ପ୍ରମୁଖ ଯୋଗ ଦେଇଥିଲେ।

## କଂଗ୍ରେସର ସୋସିଆଲ ମିଡିଆ କର୍ମୀ ପ୍ରଶିକ୍ଷଣ ଶିବିର

**ଚଣ୍ଡିଖୋଲ,୧୭।୪(ଡି.ଏନ.ଏ.)**

ବଡ଼ଚଣା କଂଗ୍ରେସ ପକ୍ଷରୁ ଚଣ୍ଡିଖୋଲସ୍ଥିତ ରାଜୀବ ମେମୋରିଆଲ କେନ୍ଦ୍ରଠାରେ ରବିବାର ସନ୍ଧ୍ୟାରେ ସୋସିଆଲ ମିଡିଆ କର୍ମୀ ପ୍ରଶିକ୍ଷଣ ଶିବିର ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗ ଦେଇ ଆଜିର ସୋସିଆଲ ମିଡିଆ ଯୁଗରେ କିପରି କର୍ମୀମାନେ ଅଧିକ ତତ୍ପରତା ପ୍ରକାଶ କରି ପାରିବେ ସେଥିନେଇ ସମସ୍ତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କଂଗ୍ରେସ ମିଡିଆ ସେଲର ସମ୍ପାଦକ ମିହିର ରାୟ, ବ୍ଲକ ଉପ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ବରଦା ପ୍ରସନ୍ନ ରାୟ, ନିରଞ୍ଜନ ବିଶ୍ୱାଳ, ଛାତ୍ର କଂଗ୍ରେସର ସଞ୍ଜୀବ ସାମଲ, ସଂଖ୍ୟାଲଘୁ ସେଲର ସୁଲତାନ ସୈଫୁଲା ଖାଁ ପ୍ରମୁଖ ଯୋଗଦେଇ ସୋସିଆଲ ମିଡିଆ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚଣ୍ଡିଖୋଲକୁ ଉତ୍ତର କଟକ ଜିଲା ମାନ୍ୟତା ପ୍ରଦାନ ନେଇ ଦୀର୍ଘ ୩୦ ବର୍ଷର ଲଢେଇ ଓ ଅପେକ୍ଷାକୁ ନେଇ କ୍ୟାପଟେନ ମହାପାତ୍ର ବିସ୍ତୃତ ଆଲୋଚନା କରିବା ପରେ ଆସନ୍ତା ୨୮ରେ ହେବାକୁ ଥିବା ଗଣ ଧାରଣା ନେଇ କର୍ମୀ ମାନେ ସମ୍ମତି ପ୍ରକାଶ କରିଥିଲେ। ଏହି ବୈଠକରେ ୪୩ ପଞ୍ଚାୟତରୁ ଆସିଥିବା ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ରୋଗୀଙ୍କୁ ଫଳ ବଣ୍ଟନ କଲେ ମନ୍ତ୍ରୀ

**କଳିଙ୍ଗନଗର,(ଡି.ଏନ.ଏ.)**

ଦାନଗଦି ବ୍ଲକ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମିଲିଟାରୀ ଛକରେ ଅବସ୍ଥାପିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ପରେ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରର ସଫେଇ କରିବା ସହିତ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଏହାପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଥଚାରୀଙ୍କ ପାଇଁ ଜଳଛତ୍ର କୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲ୍ଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବ୍ରୁ, ସ୍ମୃତି ରେଖା ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁରେଶ ଦାଶ,ଯୁବ ବିଜେଡି ସଭାପତି ଚନ୍ଦନ କୁମାର କର, ରୁଦ୍ର ନାରାୟଣ ଦାସ, କୈଳାସ ଜେନା, ଗୋଲେଖ ପାତ୍ର, ମନୋଜ ବେହେରା, ସୁବାସ ଧୀର, ରଞ୍ଜନ ସାହୁ, ବାବୁ ପୁହାଣ ପ୍ରମୁଖ ସାମିଲ ଥିଲେ। ଅପରାହ୍ନରେ ଦାନଗଦି ବିଜେଡି କାର୍ଯ୍ୟାଳୟରେ ଯୁବ ବିଜେଡି କର୍ମୀମାନେ ସମୂହ ଦୀପ ଦାନ କରିଥିଲେ ।

**ପାଣିକୋଇଲି,(ଡି.ଏନ.ଏ.):** ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ମସୁଦପୁରଠାରେ ପାଳନ କରାଯାଇଛି । ମସୁଦପୁରଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷା ନଳନୀ ପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ମଣ୍ଟୁ ମହାନ୍ତି, ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ବିଜୁ ପ୍ରେମୀ ଯୋଗଦେଇଥିଲେ । ପରେ ବିଜୁ ବାବୁଙ୍କ ସ୍ମୃତି ଚାରଣ ଅତିଥିମାନେ କରିଥିଲେ ।


ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଜଣେ ରୋଗୀଙ୍କୁ ଫଳ ପ୍ରଦାନ କରୁଛନ୍ତି ।

**ଅବସରପ୍ରାପ୍ତ ସୈନିକଙ୍କ ପରଲୋକ**

ରାଜନଗର, (ଡି.ଏନ.ଏ.): ରାଜନଗର ବ୍ଲକ ଫିରିକିଦାଣ୍ଡି ଗାଁର ପୂର୍ବତନ ସୈନିକ ହାବିଲଦାର ଗୋଲେଖ ଚନ୍ଦ୍ର ବେହେରାଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ୨ ପୁଅ, ଝିଅ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଜନଗର ବ୍ଲକ ଅବସରପ୍ରାପ୍ତ ସୈନିକମାନେ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗୋଲେଖ ଚନ୍ଦ୍ର ବେହେରା ଭାରତୀୟ ସୈନ୍ୟ ବିଭାଗରେ ୨୨ ବର୍ଷ ଚାକିରି କରି ୨୦୦୫ରେ ଅବସର ନେଇଥିଲେ।

## ସଂକ୍ଷେପରେ

### ଗୁପ୍ତିରେ ପଲ୍ଲୀରେ ପ୍ରଶାସନ

**ରାଜନଗର,୧୭।୪(ଡି.ଏନ୍.ଏ.):** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଡିଓ ସମୀର କୁମାର ବେହେରା, ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳଙ୍କ ସମେତ ବ୍ଲକ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ। ରାଜନଗର ତହସିଲଦାର ଭୂୟାଁ ୪୧ଟି ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହୃଷୀକେଶ ସେଠୀ ପରିଚାଳନା କରିଥିଲେ।

### ଡାଙ୍ଗମାଳ ପ୍ରିମିୟର ଲିଗ୍: ଋଦ୍ଧି ୱାରିଅର୍ସ ଚାମ୍ପିୟନ

**ରାଜନଗର, ୧୭।୪(ଡି.ଏନ୍.ଏ.):** ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳଠାରେ ଅନୁଷ୍ଠିତ ୨ୟ ଡାଙ୍ଗମାଳ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟାଟିଂ କରି ଋଦ୍ଧି ୱାରିଅର୍ସ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୫୫ରନ କରିଥିଲା। ଜବାବରେ ମ୍ୟାନଗ୍ରୋଭ ପିଟା ୱାରିଅର୍ସ ସମସ୍ତ ଉଇକେଟ ହରାଇ ୯୪ ରନ କରିବାକୁ ସକ୍ଷମ ହୋଇଥିଲା। ମ୍ୟାନଗ୍ରୋଭ ପିଟା ୱାରିଅର୍ସ, ଭିତରକନିକା ୱାରିଅର୍ସ, ବ୍ଲାକ ପାନ୍ଥର, ଋଦ୍ଧି ୱାରିଅର୍ସ, ଆକାଶ ଇଲେଭେନ ଷ୍ଟାର, ଷ୍ଟାଇଲ୍ ଇଲେଭେନ ଷ୍ଟାର, ଏମ୍‌କେ ନୀଳମାଧବ ରକ୍‌ଷ୍ଟାର, ଖୁସି ଇଲେଭେନ ଷ୍ଟାର ପ୍ରଭୃତି ୮ଟି ଦଳ ଏହି ପ୍ରିମିଅର ଲିଗ୍‌ରେ ଭାଗ ନେଇଥିଲେ। ଡାଙ୍ଗମାଳ କ୍ରିକେଟ କ୍ଲବ ପକ୍ଷରୁ ଏହି ପ୍ରିମିୟର ଲିଗ୍ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ରଶ୍ମି ରଂଜନ ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅରିଫ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଉଇକେଟକିପର ଭାବେ ସୁନିଲ ରଞ୍ଜନ ରାଉତରାୟ, ଶ୍ରେଷ୍ଠ କ୍ୟାପ୍‌ଟେନ ଭାବେ ଦୀପକ ଦାସ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଅରିଫ୍ ଓ ବେଷ୍ଟ ବୋଲର ଭାବେ ସତ୍ୟପ୍ରକାଶଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଲକ୍ଷ୍ମୀଧର ପାଢ଼ୀ ଓ ଶାନ୍ତନୁ ବେହେରା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ସେକ୍ ବୁଲେଟ ଓ ମାନସ କୁମାର ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଡାଙ୍ଗମାଳ କ୍ରିକେଟ କ୍ଲବର ପ୍ରଦୀପ କୁମାର କୁଣ୍ଡ, ପ୍ରଭାତ କୁମାର ବେହେରା, ଜନକର ବେହେରା, ବିଜୟ ଦାସ ଖେଳ ପରିଚାଳନା କରିଥିଲେ।

# ବିଇଓଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

**ପଟ୍ଟାମୁଣ୍ଡାଇ,୧୭।୪(ସ୍ୱ.ପ୍ର.)**



କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଅଭିଭାବକମାନେ ଅଟକ ରଖିଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଏମ.ଏନ. ହାଇସ୍କୁଲରେ ଦୀର୍ଘଦିନ ଧରି ସ୍ଥାୟୀ ପ୍ରଧାନ ଶିକ୍ଷକ, ବର୍ଷବର୍ଷ ଧରି ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ପଦବୀ ଗୁଡିକ ଖାଲି ପଡିଛି। ଏଥିଯୋଗୁ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ଘଟଣାକୁ ନେଇ ସୋମବାର ସ୍କୁଲର ପୁରାତନ ଛାତ୍ର ସଂସଦ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ ପଟ୍ଟାମୁଣ୍ଡାଇ ବିଇଓଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ।

ଏମ.ଏନ ହାଇସ୍କୁଲରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୯ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲରେ ୯ଟି ଶିକ୍ଷକ, ୨ଟି କିରାଣି ,୩ଟି ପିଅନ ଓ ସୁଇପର ପଦବୀ ଖାଲିପଡିଛି। ଏହିସବୁ ପଦବୀଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଅଭିଭାବକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ସହ ଆଲୋଚନା ପୂର୍ବକ ପୂର୍ବରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ବିଷୟରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲା। ସୋମବାର ଜିଲା ଶିକ୍ଷାଧିକାରୀ ବିଇଓଙ୍କ କାର୍ଯ୍ୟାଳୟକୁ ଆସି ଅଭିଭାବକ ସଂଘ ସହ ଏମ.ଏନ. ହାଇସ୍କୁଲ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବିଇଓ ଏ ସମ୍ପର୍କରେ ଅଭିଭାବକ ସଂଘକୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତପନ କୁମାର ଦାସ, ଉପସଭାପତି ଇତିଶ୍ରୀ ଦାଶ, ଆଇନଜୀବୀ ଗୋପୀନାଥ ତ୍ରିପାଠୀ, କାଉନସିଲର ଗୋପୀବଲ୍ଲଭ ନାୟକ, ଆଇନଜୀବୀ ବିଦ୍ୟାଧର ଦାଶ, ଦେବାଶୀଷ ପ୍ରଧାନ, ସୌଦାମିନୀ ବେହେରା, ଅମିତା ରାଉତ ପ୍ରମୁଖ ପରିଚାଳନା ସମିତିର କର୍ମକର୍ତ୍ତା, ଅଭିଭାବକ ସଂଘର ସଭ୍ୟାସଭ୍ୟମାନେ

- ଏମ.ଏନ. ହାଇସ୍କୁଲରେ ଖାଲିଥିବା ପଦବୀ ପୂରଣ ପାଇଁ ଦାବି
- ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଟାଣି ନେଇ ଘର କବାଟ ବନ୍ଦ କଲେ

ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲା ଶିକ୍ଷାଧିକାରୀ ଆସି ନ ଥିବା ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବିଇଓ ମଧ୍ୟ ତାଙ୍କ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାବେଳେ ଛୁଟିରେ ଥିବା ଜଣାପଡିଥିଲା। ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଳରେ ଅଭିଭାବକ ସଂଘ ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇ ଜିଲା ଶିକ୍ଷାଧିକାରୀ, ବିଇଓଙ୍କ କାର୍ଯ୍ୟାଳୟକୁ ଆସନ୍ତୁ ବୋଲି ଅଡି ବସିଥିଲେ। ଖବର ପାଇ ଅପରାହ୍ନ ୧ଟାରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସୁରମା ମହାପାତ୍ର ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ତେବେ ଆନ୍ଦୋଳନରତ ଅଭିଭାବକମାନଙ୍କୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ତୁମୁଳକାଣ୍ଡ ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଅଫିସ କାନ୍ଥରେ ଲଗାଯାଇଥିବା ମୋ ସରକାର ଫ୍ଲେକ୍ସ ବୋର୍ଡରେ କ'ଣ ଲେଖାଯାଇଛି ବୋଲି ତାଙ୍କୁ ପଢିବାକୁ ବାଧ କରିଥିଲେ। ସାଧାରଣ ଲୋକଙ୍କୁ ଅଫିସରମାନେ ସମ୍ମାନ ଦେଉନଥିବାରୁ ଏହି ବୋର୍ଡର ଆବଶ୍ୟକତା ନାହିଁ କହି ଆନ୍ଦୋଳନକାରୀମାନେ ଫ୍ଲେକ୍ସ ବୋର୍ଡ କିଛି ଅଂଶକୁ ଚିରି ପକାଇଥିଲେ। ଉଭୟଙ୍କ ମଧ୍ୟରେ ପରିସ୍ଥିତି ଅଧିକ ବିଗିଡି ଯାଇଥିଲା। ଆନ୍ଦୋଳନକାରୀ ମହିଳା ଅଭିଭାବକମାନେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ମହାପାତ୍ରଙ୍କୁ ଘୋଷାଡି ଘୋଷାଡି ଅଫିସ ମଧ୍ୟରେ ଥିବା ଏକ ଘରେ ପୂରାଇ କବାଟ ବନ୍ଦ କରି ଦେଇଥିଲେ। ପରିସ୍ଥିତି ଅଧିକ ଜଟିଳ ହେବାରୁ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ତପନ ରାଉତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲେ। ପରେ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ ଅପରାହ୍ନ ସାଢେ ୨ଟାରେ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପ୍ରତିଶ୍ରୁତିରେ ଖିଲାପ କରିଥିବାରୁ ଜିଲା ଶିକ୍ଷାଧିକାରୀ ଅଭିଭାବକମାନଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ଏମ.ଏନ. ହାଇସ୍କୁଲରେ ଖାଲିଥିବା ଶିକ୍ଷକ ଓ ଅଣଶିକ୍ଷକଙ୍କ ସ୍ଥାନରେ ୪ ଜଣ ଟିଜିଟି କଳା ଶିକ୍ଷକ, ଜଣେ ଟିଜିଟି ବିଜ୍ଞାନ ଶିକ୍ଷକ ଓ ଖାଲିଥିବା ଅଣ ଶିକ୍ଷକ କର୍ମଚାରୀଙ୍କ ସ୍ଥାନରେ ଜଣେ ଜୁନିୟର ଆସିଷ୍ଟାଣ୍ଟକୁ ଡେପୁଟେଶନରେ ପଠାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ପେହେଣ୍ଟା ଗାଁରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ୬ ଆହତ

**ମାର୍ଶାଘାଇ, ୧୭।୪ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ପେହେଣ୍ଟା (କଷଟି ) ଗାଁରେ ସୋମବାର ଅପରାହ୍ନରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଗୋଟିଏ ଗୋଷ୍ଠୀର ୬ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ପେହେଣ୍ଟା ଗାଁରେ ଥିବା ଏକ ହନୁମାନ ମୂର୍ତ୍ତି ପାଖରେ ଗାଁର କେତେଜଣ ଲୋକ ଗାତ ଖୋଳୁଥିଲେ। ଉକ୍ତ ଜାଗାରେ କାହିଁକି ଗ୍ରାମବାସୀଙ୍କୁ ନ ଜଣାଇ ଗାତ ଖୋଳୁଛ ବୋଲି କେଜେଜଣ ବ୍ୟକ୍ତି ପଚାରିଥିଲେ। ଗାତ ଖୋଳୁଥିବା ଲୋକ ଉତକ୍ଷିପ୍ତ ହୋଇ ପଚାରିଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ଫଳରେ ବୈରାଗୀ ପରିଡା, ନରେନ୍ଦ୍ର ଗୋଛାୟତ, ମୀରା ଗୋଛାୟତ, ଗଣେଶ୍ୱର ପରିଡା, ଧୀରେନ୍ଦ୍ର ପ୍ରଧାନ, ହେମଲତା ପରିଡା, ଗୌରାଙ୍ଗ ପରିଡା ଆହତ ହୋଇ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେଠାରେ ବୈରାଗୀଙ୍କ ଅବସ୍ଥା ଖରାପ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏ ସମ୍ପର୍କ ରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ପକ୍ଷରୁ ଉକ୍ତ ଗ୍ରାମର ୧୬ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# କେନ୍ଦ୍ରାପଡ଼ା ଜିଲା ବିଜୁବାବୁଙ୍କ କର୍ମଭୂମି ଥିଲା

**ମହାକାଳପଡ଼ା/ପାଟକୁରା /ରାଜନଗର, ୧୭।୪(ଡି.ଏନ.ଏ.)**

**ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ**



ସଭାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧୀନ ଟିକରପଙ୍କା କାଳୀ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ସଭାରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଜିଲା ବିଜୁବାବୁଙ୍କ କର୍ମଭୂମି। ୧୯୭୧ ଉପନିର୍ବାଚନରେ ବିଜୁବାବୁ ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ଉକ୍ତ ବର୍ଷ ସାମୁଦ୍ରିକ ଝଡ଼ ବାତ୍ୟାରେ ମହାକାଳପଡ଼ା, ରାଜନଗର ଅଞ୍ଚଳର ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ବାତ୍ୟାରେ ଲୋକମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବିଷହ ହୋଇପଡ଼ିଥିଲା। ବାତ୍ୟା ପରେ ବିଜୁବାବୁ ଅଞ୍ଚଳର ବିପନ୍ନମାନଙ୍କ ପାଖରେ ପହଞ୍ଚି ସହାୟତା କରିଥିଲେ। ସେବେଠାରୁ ବିଜୁବାବୁଙ୍କ କେନ୍ଦ୍ରାପଡ଼ା ଜିଲା ସହିତ ସମ୍ପର୍କ ରହିଛି। ତାଙ୍କ ସ୍ୱପ୍ନ ପୂରଣ କରିବାରେ ପୁଅ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶର ଧାରା ଅବ୍ୟାହତ ରଖିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଜାପାନ ଗସ୍ତ କରିଥିଲେ। ମହାକାଳପଡ଼ା ଅଞ୍ଚଳରେ ଏକ ବିଶ୍ୱସ୍ତରୀୟ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏହି ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ। ଏଠାରେ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସମବାୟବିତ୍ ପ୍ରଫୁଲ୍ଲ କୁମାର ଦାସ, ଜିଲା ପରିଷଦ ସଦସ୍ୟ ଅନୁରାଧା ସ୍ୱାଇଁ, ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆଙ୍କ ସମେତ ବହୁ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସେହିପରି ଗରଦପୁର ବ୍ଲକରେ ବିଜେଡି ପକ୍ଷରୁ ଶଶାଙ୍କ ଶେଖର ପରିଡ଼ାଙ୍କ ନେତୃତ୍ୱରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରାଯାଇଛି। ଏଥିରେ ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ୪୪ ଅଭିଯୋଗ

**ମାର୍ଶାଘାଇ,୧୭।୪ (ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମୃତ ଋତୁରାଜ, ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ବିଡିଓ ଉମାଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା ଯୋଗଦେଇ ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ଏଥିରେ ୪୪ଟି ଅଭିଯୋଗ ହୋଇଥିଲା। ସେଥିରୁ ଗୋଟିଏ ସାମୂହିକ ଥିବାବେଳେ ଅନ୍ୟଗୁଡିକ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ କେତେଜଣ ପଞ୍ଚାୟତରେ ସିଆର୍‌ପିଏମବିକେ ଓ ବ୍ୟାଙ୍କ ମିତ୍ର ନିଯୁକ୍ତିରେ ପକ୍ଷପାତିତା ଅଭିଯୋଗ ଥିବାବେଳେ ଭତ୍ତା, ରାଶନ କାର୍ଡ, ଆବାସ ଯୋଗାଣ, ଚିକିତ୍ସା ଖର୍ଚ୍ଚ ଆଦି ଅଭିଯୋଗ ରହିଥିଲା। ସାମାଜିକ କର୍ମୀ ପ୍ରମୋଦ ସ୍ୱାଇଁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ବ୍ୟବଧାନରେ ବିଭିନ୍ନ ଯନ୍ତ୍ରପାତି ଚୋରି ଯାଉଥିବା ନେଇ ଅଭିଯୋଗ କରିବା ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିତା ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ଚାଟରାଚକଡ଼ାରେ ପଲ୍ଲୀରେ ପ୍ରଶାସନ: ୨୬ ଅଭିଯୋଗ



ପ୍ରଶାସନିକ ଅଧିକାରୀମାନେ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

**ଡେରାବିଶ,୧୭।୪ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏଥିରେ ବିଡିଓ ଦାସରଥି ଜେନା, ଏବଡିଓ ଭଞ୍ଜକିଶୋର ନାୟକ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ୨୬ଟି ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ଦେବୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସନ୍ଧ୍ୟାରାଣୀ ପରିଡ଼ା, ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନିଲ କୁମାର ସେଠୀ, ଯଶୋବନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ଦାବିପତ୍ର

**କେନ୍ଦ୍ରାପଡ଼ା ଅଫିସ,୧୭।୪**

ଧାର୍ମିକ ଉନ୍ମାଦନା, ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଇ ଦେଶରେ ଅରାଜକତା ଦେଖାଯାଉଛି। ନିକଟରେ ସମ୍ବଲପୁରଠାରେ ସନାତନୀଙ୍କ ଧାର୍ମିକ ଶୋଭାଯାତ୍ରାରେ ବ୍ୟାଘାତ ସୃଷ୍ଟି କରାଯାଇ ଜନଜୀବନକୁ ବିପର୍ଯ୍ୟସ୍ତ କରାଯାଇଛି। ଏହି ରାଷ୍ଟ୍ର ବିରୋଧୀ ତତ୍ତ୍ୱଙ୍କୁ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି କେନ୍ଦ୍ରାପଡ଼ା ଜିଲା ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବାନାମ୍ବର ସାହୁ, ଉପସଭାପତି ପ୍ରଭାତ ଦାସ ପ୍ରମୁଖ କହିଛନ୍ତି, ଏପରି ରାଷ୍ଟ୍ର ବିରୋଧୀ କାର୍ଯ୍ୟ କେବଳ ସମ୍ବଲପୁରରେ ନୁହେଁ, ବରଂ ଦେଶର ସମସ୍ୟା ହୋଇଛି। ସନାତନ ଧର୍ମାବଲମ୍ବୀଙ୍କ ସାଂସ୍କୃତିକ ଉତ୍ସବରେ ମୁସଲମାନ ସମ୍ପ୍ରଦାୟ ଏ ପ୍ରକାର ଅଶାନ୍ତି ସୃଷ୍ଟି କରୁଛନ୍ତି। ଶୋଭାଯାତ୍ରା ସମୟରେ ମାରଣାସ୍ତ୍ର ପ୍ରୟୋଗ କରାଯାଇ ଜନଜୀବନକୁ ନଷ୍ଟ କରାଯାଉଛି। ଏଥିରୁ ସାଧୁସନ୍ଥ ମଧ୍ୟ ବାଦ୍ ପଡୁନାହାନ୍ତି। ସନାତନ ଧର୍ମାବଲମ୍ବୀଙ୍କ ଉଦ୍ଦେଶ୍ୟମୂଳକ ହତ୍ୟାକୁ ବିଶ୍ୱ ହିନ୍ଦୁ ପରିଷଦ ବିରୋଧ କରୁଛି। ଏହି ଅଭାବନୀୟ ପରିସ୍ଥିତି ସମ୍ପ୍ରଦାୟର କେତୋଟି ନିର୍ଦ୍ଦିଷ୍ଟ ସଙ୍ଗଠନ ଦ୍ୱାରା ଆୟୋଜିତ ହେଉଛି। ସଙ୍ଗଠନଗୁଡିକ ଉପରେ ପ୍ରତିବନ୍ଧ ଲଗାଇବା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସେହିପରି ରାଜକନିକାରେ ବିଡିଓ ରବୀନ୍ଦ୍ର ଆଚାର୍ଯ୍ୟଙ୍କୁ ବଜରଙ୍ଗ ଦଳ ପକ୍ଷରୁ ସଂଯୋଜକ ବିକ୍ରମ ବେହୁରିଆ, ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ୨୮ନଂ. ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ରାଜନଗରରେ ବିଡିଓ ସମୀର କୁମାର ବେହେରାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜିଲା ପ୍ରସାର ପ୍ରମୁଖ ଶିବ ପ୍ରସାଦ ମହାପାତ୍ର, ଜିଲା ସହ ସଂଯୋଜକ ସନ୍ତୋଷ ଲେଙ୍କା, ବୈଲୋଚନ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।



କେନ୍ଦ୍ରାପଡ଼ା ଏଡିଏମ୍‌ଙ୍କୁ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ଦାବି ପତ୍ର ଦେବାକୁ ଯାଉଛନ୍ତି।

# ଔପଚାରିକତା ପୂରଣ ପାଇଁ ଗ୍ରୀଷ୍ମ ପ୍ରବାହ ସମୀକ୍ଷା

**ଜଗତ୍‌ସିଂହପୁର ଅଫିସ, ୧୭।୪**



ସମୀକ୍ଷା ବୈଠକରେ ଜିଲାପାଳ ପାରୁଲ ପଟୱାରି ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

ଗ୍ରୀଷ୍ମପ୍ରବାହ ଯୋଗୁ ଜଗତ୍‌ସିଂହପୁର ଜିଲାବାସୀ ଆଉଟୁପାଉଟୁ ହେଉଛନ୍ତି। ଏପରି ସ୍ଥିତିରେ ଘନ ଘନ ବିଦ୍ୟୁତ୍ କାଟ୍ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରୁଛି। ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ପାନୀୟଜଳ ଯୋଗାଣ ସମୟରେ ବିଦ୍ୟୁତ୍ କାଟ୍ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରୁଛି । ଏଥିସହ ଛକ, ବଜାର ନିକଟରେ ଜଳଛତ୍ର ଖୋଲିବାର ଆବଶ୍ୟକତା ଥିଲେ ସୁଦ୍ଧା ସବୁଠି ଏହା ସମ୍ଭବ ହୋଇପାରିନାହିଁ। ଏପରି କି ବିଭିନ୍ନ ଚିକିତ୍ସାଳୟର ଖୋଲା ସ୍ଥାନ କିମ୍ବା କାଉଣ୍ଟର ଆଗରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ପ୍ରବଳ ଖରାରେ ଦୀର୍ଘସମୟ ଧରି ଠିଆହୋଇ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏସବୁ ସ୍ଥାନରେ ଛାମୁଡିଆ କରାଯିବାର ଆବଶ୍ୟକତା ଥିଲେ ସୁଦ୍ଧା ତାହା କରାଯାଇନାହିଁ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଥଣ୍ଡା ପାନୀୟଜଳ ଯୋଗାଣର ସୁବିଧା କରାଯାଇନାହିଁ। ଗ୍ରାମାଞ୍ଚଳରେ ନଳକୂପଗୁଡିକ ଅଚଳ ଅବସ୍ଥାରେ ଅଛି। ଏପର୍ଯ୍ୟନ୍ତ ବୁଲା ପ୍ରାଣୀମାନଙ୍କ ପାଇଁ କୁଣ୍ଡରେ ପାନୀୟ ଜଳ ଗଚ୍ଛିତ ରଖାଯାଇନାହିଁ। ଏଭଳି ଅନେକ ସମସ୍ୟା ଲୋକଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହର ମୁକାବିଲା ସଂକ୍ରାନ୍ତୀୟ ପ୍ରସ୍ତୁତି ବୈଠକ କେବଳ ଔପଚାରିକତା ପୂରଣ ପାଇଁ କରାଯାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ପାରୁଲ ପଟୱାରି ଉପସ୍ଥିତ ଅଧିକାରୀମାନଙ୍କୁ ଅନେକ ପରାମର୍ଶ ଦେଇଛନ୍ତି। ସେ କହିଥିଲେ, ଏବେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯିବ। ଜିଲା ଶ୍ରମ ଅଧିକାରୀ ଏସବୁ ତଦାରଖ କରିବେ। କୃଷକମାନେ ଯେପରି ପ୍ରବଳ ଖରାରେ ବିଲବାଡ଼ିରେ କାମ ନ କରନ୍ତି ସେଥିପ୍ରତି ଜିଲା ମୁଖ୍ୟ କୃଷି ଅଧିକାରୀ ଦାୟିତ୍ୱବାନ୍ ହୋଇ ସଚେତନତା ସୃଷ୍ଟି କରିବେ। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଟ୍ ଷ୍ଟ୍ରୋକ୍‌ରୁମ୍ ଖୋଲାଯିବ। ରଘୁନାଥପୁର, ମଣିଜଙ୍ଗା ଓ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ଫେଜ୍ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ମୁଖ୍ୟ ଚିକିତ୍ସା ଅଧିକାରୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ପିଏଚ୍‌ସି, ସିଏଚ୍‌ସି ଗୁଡ଼ିକରେ ୱାଟର କୁଲର ମାଧ୍ୟମରେ ଥଣ୍ଡା ପାନୀୟଜଳ ସହ ପାୱାର ବ୍ୟାକ୍, ଡିଜି ସେଟ୍ ଓ ଇନ୍‌ଭର୍ଟର ସୁନିଶ୍ଚିତ କରାଇବାକୁ ପଡ଼ିବ। ପ୍ରତ୍ୟେକ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଯଥେଷ୍ଟ ପରିମାଣର ଓଆର୍‌ଏସ୍ ପ୍ୟାକେଟ୍ ମହଜୁଦ ରଖିବାକୁ ପଡ଼ିବ। ଯାତ୍ରୀବାହୀ ବସ୍‌ଗୁଡିକରେ ଯାତ୍ରୀଙ୍କ ପାଇଁ ପାନୀୟଜଳ ଏବଂ ଓଆର୍‌ଏସ୍ ପ୍ୟାକେଟ ଯେପରି ଉପଲବ୍ଧ ହୋଇପାରିବ ସେନେଇ ଆଞ୍ଚଳିକ ପରିବହନ ଅଧିକାରୀ ପଦକ୍ଷେପ ନେବେ। ବିଭିନ୍ନ ପ୍ରାଣୀ ଚିକିତ୍ସାଳୟ, ଏଲ୍‌ଆଇ ସେଣ୍ଟର ଓ ଗୋରୁ ହାଟଗୁଡିକରେ ଗୋରୁଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ହେବା ଦରକାର। ସମସ୍ତ ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ପାନୀୟଜଳ ଯୋଗାଣ ହେବ। ଏହାବାଦ୍ ସହର ଓ ଗ୍ରାମାଞ୍ଚଳ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ଗରିବ, ଅଭାବୀ ଲୋକଙ୍କ ପାଇଁ ଦିନରେ ଆଶ୍ରୟସ୍ଥଳ ସୁବିଧା କରାଯିବ। ସେଠାରେ ପାନୀୟଜଳ ଏବଂ ଓଆର୍‌ଏସ୍ ବ୍ୟବସ୍ଥା କରିବାକୁ ବିଡିଓ ଏବଂ ନିର୍ବାହୀ ଅଧିକାରୀମାନେ ପଦକ୍ଷେପ ନେବେ। ବୈଠକରେ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ଏଥିରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ କିଶୋର କବି ଜିଲାର କୁଜଙ୍ଗ, ବାଲିକୁଦା ଓ ଏରସମାର ଜଳକ୍ଳିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଯାଉଥିବା କହିଥିଲେ। ଜିଲାରେ ୧୨୦ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅଚଳ ନଳକୂପ ମରାମତି କରାଯାଉଛି।

- ଜଳ ସଙ୍କଟ ଦୂର ହେଉନି
- ବିଦ୍ୟୁତ କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ବିଡିଓମାନେ ସମଗ୍ର ବ୍ଲକ ଅଞ୍ଚଳ ଗସ୍ତକରି ପାନୀୟ ଜଳ ଯୋଗାଣ ସମ୍ପର୍କରେ ଅନୁଧ୍ୟାନ କରି କେଉଁ ଅଞ୍ଚଳରେ ଅଧିକ ଜଳର ଆବଶ୍ୟକତା ରହିଛି ତା'ଉପରେ ରିପୋର୍ଟ କଲେ ତୁରନ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଥିଲେ। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପାଇପ ଜଳ ଯୋଗାଣ ମାଧ୍ୟମରେ ଟ୍ୟାପ୍ ସଂଯୋଗ କରାଯାଇ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ଜିଲାରେ ରେଡ୍‌କ୍ରସ୍ ପାଣ୍ଠି ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଏସ୍‌ଡିଆର୍‌ଏଫ୍ ଓ ଏନ୍‌ଡିଆର୍‌ଏଫ୍ ପାଣ୍ଠିର ବିନିଯୋଗ ପ୍ରମାଣପତ୍ର ତୁରନ୍ତ ଦାଖଲ କରିବାକୁ ତହସିଲଦାର ଓ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଇ-ଅଫିସର କାର୍ଯ୍ୟକାରିତା ଓ ଇ-ଅଭିଯୋଗ ପୋର୍ଟାଲ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ସିଡିପିଓ ଓ ଜରୁରିକାଳୀନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିଶୁ ଚୋରି ଉଦ୍ୟମକୁ ନେଇ ଉତ୍ତେଜନା

ନୟାଗଡ଼ ଅଫିସ,୧୭।୪: ନୟାଗଡ଼ ସଦର ଥାନା ବରପଲ୍ଲୀ ଗାଁରେ ରବିବାର ରାତିରେ ଜଣେ ଅଜଣା ଲୋକ ଶିଶୁ ଚୋରି ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକ ଏହାକୁ ପଣ୍ଡ କରି ଦେଇଥିଲେ। ତେବେ ଅଜଣା ଯୁବକ ଚକମା ଦେଖାଇ ଖସି ଯିବାରେ ସକ୍ଷମ ହୋଇଛନ୍ତି। ଏ ଘଟଣା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଛି। କଲେ ସୋମବାର ପୁଣି ଅଜଣା ଯୁବକ ପିଲା ଚୋରି କରିବାକୁ ଆସିବେ ସେ ଭୟ ରହିଛି। ଏଣୁ ଗାଁରେ କେତେଜଣ ଲୋକ ପଇନ୍ତରା ମାରୁଛନ୍ତି।

### ହତ୍ୟା ଉଦ୍ୟମ ମାମଲା
### ୩ ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡ

ଆସିକା,୧୭।୪(ଡି.ଏନ.ଏ.)-ଗାଙ୍ଗପୁର ଥାନା ପଣିବନ୍ଧ ଗ୍ରାମରେ ଗତ ୨୦୦୩ ସେପ୍ଟେମ୍ବର ୭ ତାରିଖରେ ସେହି ଗ୍ରାମର କିର୍ତ୍ତନ ଗୌଡଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାର ବିଚାର କରି ସୋମବାର ଆସିକାର ସହକାରୀ ଦୌରା ଜଜ ସୌଦାମିନି ବିଶ୍ୱାଳ ମାମଲାର ୩ଜଣ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ମିଲୁ ସ୍ୱାଇଁ, କଂଗ୍ରେସ ସ୍ୱାଇଁ ଓ ଭଜରାମ ସାହୁ। କିର୍ତ୍ତନ ପଣିବନ୍ଧ ଗ୍ରାମରେ ଘଟିଥିବା ଏକ ହତ୍ୟା ମାମଲାର ସାକ୍ଷ୍ୟ ପ୍ରଦାନ କରି ଅଦାଲତରୁ ଫେରୁଥିଲା ବେଳେ ଅଭିଯୁକ୍ତମାନେ ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ କିର୍ତ୍ତନଙ୍କ ପୁଅ ବ୍ରଜବନ୍ଧୁ ଗାଙ୍ଗପୁର ପୋଲିସରେ ଅଭିଯୋଗ କରିଥିଲେ। ନଂ. ୮୦/୨୦୦୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ବିଚାର ଲାଗି ଅଦାଲତରେ ଦାଖଲ କରିଥିଲେ। ଏହି ମାମଲାରେ ସମୁଦାୟ ୭ଜଣ ସାକ୍ଷୀ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରୀ ଓକିଲ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

ବାଲିଗୁଡ଼ା,୧୭।୪(ଡି.ଏନ.ଏ.)ବାଲିଗୁଡ଼ା ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡର ଦେଓଭୋଗ ଅଞ୍ଚଳର ସମୀର ସୋନୀ ଓ ଶ୍ୟାମଲାଲ ସୋନୀ। ସେମାନଙ୍କ ନିକଟରୁ ୪୧ କେଜି ୧୦୦ ଗ୍ରାମ ଓଜନର ବେଆଇନ୍ ଗଞ୍ଜେଇ ସହ ଗୋଟିଏ ବାଇକକୁ ଜବତ କରାଯାଇଛି। ବାଲିଗୁଡ଼ା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଥିବା ଖବର ପାଇବା ପରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଗଞ୍ଜେଇ ଧରି ଯାଉଥିବା ବାଇକ ନଂ.ସିଜି-୨୨-ଏଲ- ୪୬୭୮ ଟି ଦୃତ ଗତିରେ ଯାଉଥିବା ବେଳେ ବାଲିଗୁଡା ଥାନା ସିନ୍ଦ୍ରିଗାଁ ପଞ୍ଚାୟତ କିଲାରଘାଟ ନିକଟରେ ପୋଲିସ ଧରିଥିଲା। ଏ ନେଇ ବାଲିଗୁଡ଼ା ଥାନାରେ ନଂ.୧୦୩/୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ଲାଞ୍ଚ ନ ଦେବାରୁ ଘର ଭାଙ୍ଗିଦେଲେ

- ଥଇଥାନ ନ କରି ଜବରଦଖଲ ଉଚ୍ଛେଦକୁ ନେଇ ଅସନ୍ତୋଷ
- ୪୦ ବର୍ଷ ଧରି ରହି ଆସୁଥିଲେ ଦଳିତ ପରିବାର
- ଅମିନଙ୍କ ଚେତାବନୀ ସତ୍ୟ ହେଲା
- ମାମଲା ପରେ ବି ଅମିନଙ୍କୁ ସୁରକ୍ଷା

ନୟାଗଡ଼ ଅଫିସ/ଗଣିଆ, ୧୭।୪ (ଡି.ଏନ.ଏ.)


ପ୍ରଶାସନ ପକ୍ଷରୁ ଘର ଭଙ୍ଗାଯାଉଛି।

ଇଟା ପକାଇବାକୁ ଅମିନଙ୍କୁ ଲାଞ୍ଚ ନ ଦେବାରୁ ନୟାଗଡ଼ ଜିଲା ଗଣିଆ ଥାନା ପତଣ୍ଡା ଗାଁର ବିଳାସିନି ନାୟକ ନାମ୍ନୀ ଦଳିତ ମହିଳାଙ୍କ ଘରକୁ ସୋମବାର ଗଣିଆ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆଳରେ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ୪୦ ବର୍ଷ ଧରି ରହି ଆସୁଥିବା ଜଣେ ଭୂମିହୀନ ମହିଳାଙ୍କୁ ବିନା ଥଇଥାନରେ ପ୍ରଶାସନ ଘର ଭାଙ୍ଗିବା ଅମିନଙ୍କ ଚେତାବନୀ ସତ୍ୟରେ ପରିଣତ ହୋଇଛି ବୋଲି ଅଭିଯୋଗ ଉଠିଛି। ଅମିନଙ୍କୁ ସୁରକ୍ଷା ଓ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ଉଦ୍ଦେଶ୍ୟରେ ପ୍ରଶାସନ ଗୃହହୀନ ମହିଳାଙ୍କ ଘରକୁ ଭାଙ୍ଗି ଦେବା ଜଣାପଡ଼ିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପତଣ୍ଡା ଗାଁର ବିଳାସିନିଙ୍କ ଅଭିଯୋଗ ଅନୁସାରେ, ମୋ ଶ୍ୱଶୁର ଗୌରାଙ୍ଗ ନାୟକଙ୍କ ସମେତ ୩ ଭାଇଙ୍କ ନାଁରେ ଗାଁରେ ଦେଢ଼ ଡିସିମିଲି ଜମି ରହିଛି। ଏହି ଜମିରେ ଶ୍ୱଶୁରଙ୍କ ୨ ଭାଇ ରହି ଆମକୁ ତଡି ଦେଇଥିଲେ। ସ୍ୱଳ୍ପ ଜମିରେ ୨ ଶ୍ୱଶୁରଙ୍କ ପରିବାର ରହିବା ମଧ୍ୟ ଅସୁବିଧା ହେଉଛି। ଏହାପରେ ଆମ ପରିବାର ୪୦ ବର୍ଷ ହେଲା ପତଣ୍ଡାର ସରକାରୀ ଜମିରେ ଘର କରି ରହି ଆସିଥିଲୁ। ସରକାରୀ ଭାବେ ପଟ୍ଟା ଦିଆଯିବ ବୋଲି ବିଭିନ୍ନ ସମୟରେ ତହସିଲଦାର କହୁଥିଲେ। ହେଲେ କେହି ଜବରଦଖଲ ଉଚ୍ଛେଦ କରୁ ନ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଆସିବା ପରେ ଘର କରିବା ପାଇଁ ଇଟା ପକାଇବା ସ୍ଥିର କରିଥିଲୁ। ଇଟା ପକାଇବାକୁ ପାଇଁ ରୟାଲିଟି ବାନ୍ଧି ଆରଆଇଙ୍କର ଅନୁମତି ପାଇଁ ପୁଅକୁ ଆରଆଇ ଅଫିସକୁ ପଠାଇଥିଲି। ଆରଆଇ ଅନୁପସ୍ଥିତ ଥିବାବେଳେ ଗଣିଆ ତହସିଲର ଅମିନ ସୁଦୀପ ପଟ୍ଟନାୟକ ଆରଆଇ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଇଟା ପକାଇବାକୁ ରସିଦ୍ କାଟିବାକୁ ଆସିଥିବା ନେଇ କହିବାରୁ ରସିଦ୍ ଦରକାର ନାହିଁ ୨୦ ହଜାର ଲାଞ୍ଚ ଦେବାକୁ ଅମିନ କହିଥିଲେ। ଲାଞ୍ଚ ଦେବାର ଅସହାୟତା ପ୍ରକାଶ କରିବା ପରେ ଆବାସ ଯୋଜନାରେ ଘର କରିପାରିବ ନାହିଁ କହିଥିଲେ। ତହସିଲଦାରଙ୍କୁ କହି ସରକାରୀ ଜମିରୁ ଘର ଭାଙ୍ଗି ଦେବେ ବୋଲି ଧମକ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଇଟା ପକାଇବା ପରେ ଅନୁମତି ନ ନେଇ ଇଟା କିପରି ପକାଉଛ କହି ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ଫେବୃୟାରୀ ୧୩ରେ ଅମିନଙ୍କ ନାଁରେ ଗଣିଆ ଥାନାରେ ଅଭିଯୋଗ କରିବା ପରେ ୨୯୪ ଓ ୫୦୬ ଆଇପିସି, ୩(ଆଇ)(ଆର)/୩(୨)(ଆଇ)(ଏସ), ଏସସିଏସଟି ଆକ୍ଟରେ ନଂ. ୧୭/୨୩ରେ ମାମଲା ରୁଜୁ ହୋଇଥିଲା। ନୟାଗଡ଼ ଏସଡିପିଓ ଓ ଏସ୍‌ପି ଘଟଣାର ତଦନ୍ତ କରୁଛନ୍ତି। ତଦନ୍ତ ଶୀତଳଭଣ୍ଡାରରେ ରହିଛି। ସେପଟେ ଅମିନ ଗଣିଆ ତହସିଲଦାରଙ୍କୁ ହାତବାରିସି କରି ଘର ଭଙ୍ଗା ନୋଟିସ୍ ପଠାଇ ଥିଲେ। ଘର ନ ଭାଙ୍ଗିବା, ଆବାସ ଯୋଜନାରେ ଘର କରିବା, ଅମିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା, ଅମିନଙ୍କ ବିରୋଧରେ ମାମଲା ରୁଜୁ ପରେ ପଦକ୍ଷେପ ନିଆ ନ ଯିବା ନେଇ ବିଭିନ୍ନ ସମୟରେ ଜିଲାପାଳ, ଏସ୍‌ପି, ନୟାଗଡ଼ ଓ ଦଶପଲା ବିଧାୟକଙ୍କୁ ଭେଟି ଅବଗତ କରାଇଛି। ହେଲେ ଅମିନଙ୍କ ଜିଦ୍ ରହିଲା। ଲାଞ୍ଚ ନ ଦେବାରୁ ଘରକୁ ଭାଙ୍ଗି ରାଗ ସୁଝାଇଛନ୍ତି। ମୋ ଅଭିଯୋଗକୁ କେହି ଶୁଣିନାହାନ୍ତି। ଏପରିକି ଜବରଦଖଲ ଉଚ୍ଛେଦ ପରେ ଗଛ ମୂଳେ ରହିଥିଲେ ମଧ୍ୟ ସେଠାରୁ ଚାଲିଯିବାକୁ ଧମକ ତହସିଲ କର୍ତ୍ତୃପକ୍ଷ ଦେଉଛନ୍ତି। ମୋ ଘରେ ୭୦ ବର୍ଷର ବୃଦ୍ଧ ଶ୍ୱଶୁର, ପୁଣି ସ୍ୱାମୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ କେଉଁଠି କି ଯିବୁ କ'ଣ କରବୁ ସେହି ଚିନ୍ତା ଘାରିଛି।

### ଜମି ଥାଇ ଗୋଚର ଜମିକୁ ଜବରଦଖଲ

ଗଣିଆ ତହସିଲଦାର କିଶୋର କୁମାର ପଣ୍ଡାଙ୍କୁ ପଚାରିବାରେ ଉଦ୍ଦେଶ୍ୟମୂଳକ ଭାବେ ଅଥବା ଲାଞ୍ଚ ନ ଦେବାରୁ ଜବରଦଖଲ ଉଚ୍ଛେଦ କରାଯିବାର ଯେଉଁ ଅଭିଯୋଗ ଉଠିଛି ତାହା କପୋଳକଳ୍ପିତ ଓ ସତ୍ୟତା ନାହିଁ। ନିଜର ବ୍ୟକ୍ତିଗତ ଜମି ଥାଇ ଗୋଚର ଜମିକୁ ଜବରଦଖଲ କରାଯାଇଥିବାରୁ ସୋମବାର ପତଣ୍ଡାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଭଳିଆ ଅଭିଯୋଗ ଆସିବା ପରେ ଜିଲା ପ୍ରଶାସନକୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅମିନଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ଅଭିଯୋଗ କରାଯାଉଛି ସେଥିରେ ସତ୍ୟତା ନାହିଁ। ବ୍ୟକ୍ତିଗତ ଜମି ଥିବାରୁ ଜବରଦଖଲ ପୂର୍ବରୁ ଥଇଥାନ କରାଯାଇନି। ଅମିନଙ୍କ ବିରୋଧରେ ଦଳିତ ପରିବାର ପକ୍ଷରୁ ଯେଉଁ ଅଭିଯୋଗ ହୋଇଛି ତାହା ଥାନାରେ ମାମଲା ହୋଇ ବିଚାରାଧୀନ ରହିଛି ବୋଲି କହିଛନ୍ତି। କେତେଜଣ ବ୍ୟକ୍ତି ଅଯଥାରେ ଘଟଣାକୁ ବିବାଦୀୟ କରୁଛନ୍ତି ବୋଲି ସେ କହିଛନ୍ତି।

## ମଧୁବୈଶ୍ୟ ସମାଜର ସାଧାରଣ ଅଧିବେଶନ



ମଧୁବୈଶ୍ୟ ସମାଜ ଖଣ୍ଡପଡ଼ା ରାଜ୍ୟ ପକ୍ଷରୁ ଅନୁଷ୍ଠିତ ବୈଠକରେ ସଦସ୍ୟମାନେ।

ଭାପୁର, ୧୭।୪(ଡି.ଏନ.ଏ.)

ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଅଧୀନ ବେଗୁନିଆ ଗ୍ରାମ ନିକଟସ୍ଥ ଆମ୍ବବଗିଚାରେ ମଧୁବୈଶ୍ୟ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସମାଜ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଧୁବୈଶ୍ୟ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଗରିବ ତଥା ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ସହ ସମାଜର ସମ୍ପାଦକ ଅର୍ଜ୍ଜୁନ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ବୈଠକରେ ଖଣ୍ଡପଡ଼ା ରାଜ୍ୟ ସମେତ ନୟାଗଡ଼, ରଣପୁର, ଦଶପଲ୍ଲା ରାଜ୍ୟର କର୍ମକର୍ତ୍ତାମାନେ ଯୋଗ ଦେବା ସହ ଆଗାମୀ ଦିନରେ ସମାଜକୁ ସଙ୍ଗଠିତ କରି ଆଗେଇ ନେବା ଉପରେ ମତ ପ୍ରକାଶ ପାଇଥିଲା। ଏହି ସାଧାରଣ ଅଧିବେଶନରେ ରଣପୁର ଅଞ୍ଚଳର ସଭାପତି ଅରକ୍ଷିତ ସାହୁ, ନୟାଗଡ଼ରୁ ପ୍ରଣବ କୁମାର ବିଷୋଇ, ଦଶପଲ୍ଲାରୁ ଉପସଭାପତି ଶ୍ରୀନିବାସ ସାହୁ, ସ୍ଥାନୀୟ ଅଞ୍ଚଳରୁ ଯୁଗଳ କିଶୋର ରାଉତ, ଶରତ କୁମାର ମହାପାତ୍ର, ବସନ୍ତ ସ୍ୱାଇଁ, ଉପଦେଷ୍ଟା ଜୟଦେବ ସାହୁ, ରବୀନ୍ଦ୍ର କୁମାର ସାହୁ, ପ୍ରସନ୍ନ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିକ୍ଷର ସମାଜର ବିଭିନ୍ନ ଗଠନ ମୂଳକ କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଭାପୁର ପେଷାଦାର ସାମ୍ବାଦିକ ସଂଘର ସଭାପତି ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କୁମାର ପଟ୍ଟନାୟକ, ପ୍ରଭାତ କୁମାର ପଟ୍ଟନାୟକ ଓ ପ୍ରଭାତ କୁମାର ବରାଡଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଘରକୁ ବାଇକ୍ ନେବା ବେଳେ ଯୁବକଙ୍କୁ ପୋଲିସର ମାଡ଼

### ପଣାଯାତ୍ରାରେ ଉତ୍ତେଜନା

ନୟାଗଡ଼ ଅଫିସ,୧୭।୪

ନୟାଗଡ଼ ପୁରୁଣା ସହରର ଦକ୍ଷିଣ କାଳୀ ମନ୍ଦିର ନିକଟସ୍ଥ ନିଜ ଘରକୁ ବାଇକ୍ ନେବା ବେଳେ ପାର୍କିଂର ଆଳ ଦେଖାଇ ଯୁବକଙ୍କୁ ପୋଲିସ ମାଡ଼ ମାରିଛି। ଏହା ଜଣାପଡିବା ପରେ ପୋଲିସର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିବାଦ ହୋଇଛି। ସ୍ଥାନୀୟ ଲୋକ ପୋଲିସ ବିରୋଧରେ ମେଳି ହୋଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ହେଉଛନ୍ତି। ପୁରୁଣା ସହରରେ ଦକ୍ଷିଣକାଳୀଙ୍କ ପଣାଯାତ୍ରା ଚାଲୁ ରହିଛି। ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ବିପର୍ଯ୍ୟସ୍ତ ଟ୍ରାଫିକ୍‌କୁ ସୁଧାରିବା ପାଇଁ ଚେଷ୍ଟା ଜାରି ରଖିଛି। ତେବେ ସୋମବାର ରାତି ସାଢେ ୧୦ଟାରେ ଜଣେ ଯୁବକ ବାଇକ୍ ରଖି ଘରକୁ ନେବାକୁ ଉଦ୍ୟମ କରିଥିଲେ। ଯୁବକ ଜଣକ ନିଜ ଘରକୁ ବାଇକ୍ ନେଉଛି କହିବା ସତ୍ତ୍ୱେ ପୋଲିସ ପାର୍କିଂର ଆଳ ଦେଖାଇ ମାରପିଟ୍ କରିଥିବା ଅଭିଯୋଗ ହୋଇଛି।

## ମହାବିଷ୍ଣୁବ ପଣା ସଂକ୍ରାନ୍ତି ଯାତ୍ରା ଶେଷ



ଶରଣକୁଳ,୧୭।୪(ଡି.ଏନ.ଏ.)

ଶରଣକୁଳ ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତ ସାବିଦେଇପୁର ଗାଁରେ ମହାବିଷ୍ଣୁବ ପଣାସଂକ୍ରାନ୍ତି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ୩ ଦିନ ଧରି ବେଶ ଧୁମ୍‌ଧାମରେ ପାଳିତ ହୋଇଥିବା ଏହି ଯାତ୍ରାର ୧୪ ତାରିଖରେ ହୋମଯଜ୍ଞ ଓ ସନ୍ଧ୍ୟା ସମୟରେ ଆତାସବାଜି କାର୍ଯ୍ୟକ୍ରମ ଓ ପରେ ଗ୍ରାମବାସୀଙ୍କ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ୧୫ ତାରିଖ ସନ୍ଧ୍ୟାରେ ସାବିଦେଇପୁର ଗ୍ରାମବାସୀଙ୍କ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୧୬ ତାରିଖ ସନ୍ଧ୍ୟାରେ ମା' ରାମଚଣ୍ଡୀ ଯୁବକ ସଂଘ ସାବିଦେଇପୁର ପକ୍ଷରୁ ଭୁତାଡ଼ିର ନାଟକ, ଯମ ବାହାଘର ମର୍ତ୍ତ୍ୟପୁର ପରିବେଷଣ କରାଯାଇଥିଲା। ଏହି ଯାତ୍ରାକୁ ଆଖପାଖ ଗ୍ରାମରୁ ବହୁ ଦର୍ଶକ ଉପଭୋଗ କରିଥିଲେ। ଗ୍ରାମ କମିଟିର ସଦସ୍ୟ ମାଧବ ସାହୁ, ମନୋଜ ବେହେରା, ମଙ୍ଗରାଜ ବେହେରା, ଉତ୍ସବ ରାଉତ, ବୁଧିଆ ଦଳବେହେରା, ଆନନ୍ଦ ବେହେରା, ନାରଣ ବେହେରା, ନିତେଇ ବେହେରା ଓ ଯୁବକ ସଂଘର ସନ୍ତୋଷ ପ୍ରଧାନ, ଶ୍ରୀକାନ୍ତ ରାଉତ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୧୭।୪(ଡି.ଏନ୍.ଏ.)

ନୂଆଗଡ଼ ବ୍ଲକ ଅନ୍ତର୍ଗତ କେରଡଙ୍ଗୋ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାମଦେବ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରୋମାଞ୍ଚଳ ଖମାରୀ, ପିଏ ଆଇଟିଡିଏ ଫାଲ୍‌ଗୁନୀ ମାଝି ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି କେରଡଙ୍ଗୋ, ପି.ଅନ୍ତରଡ଼ା, ନୂଆଗଡ଼ ଓ ଲୁହାଙ୍ଗର ଗ୍ରାମପଞ୍ଚାୟତର ସମୁଦାୟ ୫୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେହିପରି ୭ ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାର ସାମିଲ, ୩୧ ଜଣଙ୍କୁ ପଟ୍ଟା ବଣ୍ଟନ,ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳସେଚନ, ଗୃହ ନିର୍ମାଣ, ରାଶନ କାର୍ଡ, ଏମ୍‌ଜିଏନ୍‌ଆରଇଜିଏସ୍, ଶିକ୍ଷା, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା।

## ବିଜୁ ବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ

ଦଶପଲ୍ଲା, ୧୭।୪( ଡି.ଏନ.ଏ.)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ଦଶପଲ୍ଲାରେ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶ୍ରାଦ୍ଧଦିବସ ଉପଲକ୍ଷେ ଦଶପଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଭାତ ଫେରି, ସଫେଇ କାର୍ଯ୍ୟକ୍ରମ, ମାଳିସାହି ପୋଖରୀରେ ତିଳ ତର୍ପଣ, ମେଡିକାଲ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟଠାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ବିଧାୟକଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଖଣ୍ଡପଡ଼ା,୧୭।୪(ସ୍ୱ.ପ୍ର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ସଫେଇ ଓ ସେବା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏ ଅବସରରେ ସୋମବାର ପୂର୍ବାହ୍ନରେ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଜେଡି କର୍ମୀମାନଙ୍କୁ ନେଇ କୁଆଁରିଆ ନଦୀ ଘାଟରେ ସମୂହ ତିଳ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁବାବୁଙ୍କ ସ୍ମୃତିରେ ଭୋଗ୍ରୁ ବଳଭଦ୍ର ପ୍ରସାଦ, କୋସକା, କୁମ୍ଭାରପଡ଼ା ଆଦି ପଞ୍ଚାୟତର ବିଭିନ୍ନ ସାହି ଓ ଗ୍ରାମରେ ରାମଧୁନ ସହ ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଦଳୀୟ କର୍ମୀ ଓ ନେତାମାନେ ସଫେଇ କରିଥିଲେ। ପଞ୍ଚାୟତର ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ା ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ଛାତ୍ର ବିଜେଡି ସଭାପତି ବିଦ୍ୟା ରଞ୍ଜନ ପଣ୍ଡା, ବରିଷ୍ଠ ନେତା ଅଖିଳ ପଣ୍ଡା, ବିଜୟ କୁମାର ତ୍ରିପାଠୀ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ସମସ୍ତ କର୍ମୀ ଓ ନେତା ସଂକଳ୍ପ ନେଇଥିଲେ।


ବିଜୁବାବୁଙ୍କ ନୀତି ଆଦର୍ଶକୁ ପାଳନ କରିବାକୁ ବିଜେଡି କର୍ମୀମାନେ ଶପଥପାଠ କରୁଛନ୍ତି।

## କ୍ରିୟାନୁଷ୍ଠାନ କମିଟି ଜିଲାପାଳଙ୍କୁ ଦାବିପତ୍ର ଦେଲା


ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

### ଭାପୁରରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗ

ଭାପୁର ୧୭।୪(ଡି.ଏନ.ଏ.)

ଭାପୁର ଅଞ୍ଚଳରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲା ଯାଉ ନ ଥିବାରୁ ପ୍ରତିବାଦରେ ଭାପୁର କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନର ଚେତାବନୀ ଦେଇଥିଲା। ଏ ନେଇ ସୋମବାର କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ଶକ୍ତିକାନ୍ତ ରାୟ ଦାବିପତ୍ର ରଖିବା ସହ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିକ୍ରିୟା ଦେଇଥିଲେ। ଅନ୍ୟପକ୍ଷରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ସ୍ଥାନୀୟ ବିଧାୟକଙ୍କ ସହ ଆସନ୍ତା ୧୯ ତାରିଖରେ ରାଜସ୍ୱ ମନ୍ତ୍ରୀ ତଥା ସଚିବଙ୍କୁ ଦାବିପତ୍ର ଦେବେ ବୋଲି ସୂଚନା ମିଳିଛି। ସୂଚନାଥାଉକି ଭାପୁରରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ସରକାରୀ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମାତ୍ର ଗଣିଆ ଏବଂ ନୂଆଗାଁରେ ସବ୍‌ରେଜିଷ୍ଟ୍ରାର ଅଫିସ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଭାପୁରରେ କିନ୍ତୁ ଏ ଦିଗରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ପ୍ରଶାସନର ଏଭଳି ପକ୍ଷପାତିତାକୁ କେନ୍ଦ୍ରକରି ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଚେତାବନୀ ଦେଇଥିଲା। କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ପ୍ରଭାକର ସାହୁ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ହତ୍ୟାକାରୀ ବଡଭାଇଙ୍କୁ ଆଜୀବନ ଜେଲ

### ସାନ ଭାଇ ହତ୍ୟା ଘଟଣା

ଆସିକା,୧୭।୪ (ଡି.ଏନ.ଏ.)

ଆସିକା ଥାନା ମଙ୍ଗଳପୁର ଗ୍ରାମରେ ଗତ ୨୦୨୧ ଜୁନ ୧୮ରେ ସେହି ଗ୍ରାମର ସଞ୍ଜୟ କୁମାର ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ସୋମବାର ଏହି ମାମଲାର ବିଚାର କରି ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ସଞ୍ଜୟଙ୍କ ବଡଭାଇ ହରିବନ୍ଧୁ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ଦେଇଥିଲା ବେଳେ ଅର୍ଥ ଅନାଦେୟ ୪ମାସ ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳପୁର ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ବଡପୁଅ ହରିବନ୍ଧୁଙ୍କ ଶାରିରୀକ ଅସୁସ୍ଥତା ଯୋଗୁ ବିବାହ ଲାଗି ପାତ୍ରୀ ନମିଳିବାରୁ ସାନପୁଅ ସଞ୍ଜୟଙ୍କ ବିବାହ କରିଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ରିତିମତ ଗଣ୍ଡଗୋଳ କରିବାରୁ ସଞ୍ଜୟ ଗାଁ ଛାଡି ଅନ୍ୟତ୍ର ରହୁଥିଲେ। ଘଟଣାଦିନ ଅପରାହ୍ନରେ ସଞ୍ଜୟ ମଙ୍ଗଳପୁର ଆସି ତାଙ୍କର ଜଣେ ଆତ୍ମୀୟଙ୍କ ଘରେ ଥିଲା ବେଳେ ଅଭିଯୁକ୍ତ ଘରେ ପଶି ସଞ୍ଜୟଙ୍କୁ ଆକ୍ରମଣ କରିଥିଲେ।

ଘଟଣାସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ମୃତକଙ୍କ ବାପା ରାମଚନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ଆସିକା ଥାନାରେ ନଂ.୩୮୨/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ପୂର୍ବକ ବିଚାର ପାଇଁ ଅଦାଲତରେ ଦାଖଲ କରିଥିଲେ। ଏହି ମାମଲାରେ ସମୁଦାୟ ୧୪ଜଣ ସାକ୍ଷୀ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗି ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।

# ଇସି ପ୍ରତ୍ୟାହାର ନେଇ କୁଣ୍ଠକୁଣ୍ଠ

**ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ମାମଲା**

■ ଲିଜ୍‌ଧାରୀଙ୍କୁ ଡିମାଣ୍ଡ୍ ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ

ଯାଜପୁର ଅଫିସ,୧୭।୪

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ରହିଥିବା ମୂଲ୍ୟବାନ କଳାପଥର ବା ଗ୍ରାନାଇଟ ଏବେ ପ୍ରାୟ ସରିବାକୁ ଯାଉଛି। ଛୋଟବଡ଼ କରି ପ୍ରାୟ ୨୦୦ ଖାଦାନ ମଧ୍ୟରୁ ଏବେ ୮୫ଟି ଖାଦାନ ସରକାରୀ ଭାବେ ରହିଛି। ସେଥିରୁ ଏଯାଏ ୩୭ଟି ଖାଦାନ ଲିଜ ସୂତ୍ରରେ ରହିଥିବାବେଳେ ସାଟେଲାଇଟ୍ ମାପଚୁପ ଅନୁଯାୟୀ ସମ୍ପୃକ୍ତ ଲିଜଧାରୀମାନଙ୍କୁ କାରଣଦର୍ଶାଅ ନୋଟିସ ଏବଂ ଜରିମାନା ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ହେଲେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନର ଉଲ୍ଲଂଘନ ଅନୁଯାୟୀ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର ନ କରି କେବଳ କାରଣଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଛି। ଆରୁହା ପାହାଡ଼ରେ ଲିଜଧାରୀ ମନୋଜ ସାମଲ ଦିନକୁ ପ୍ରାୟ ୭ ହଜାର ଫୁଟ ଗଭୀର ଖୋଲି ବ୍ଲାଷ୍ଟିଂ ଜରିଆରେ ପ୍ରାୟ ୧୦ ହଜାର ଟନ୍ କଳାପଥର ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ପ୍ରଶାସନିକ କଳରେ ଅବହେଳା ଏବଂ ଲିଜଧାରୀଙ୍କୁ ପରୋକ୍ଷରେ ସୁଯୋଗ ଏଭଳି ହେରଫେରକୁ ସୁଯୋଗ ମିଳୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଅନୁମୋଦନ ପରିମାଣଠାରୁ ବହୁ ଗୁଣରେ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାଧାରଣ କଥା ହୋଇଛି। ଏହାକୁ ଦୀର୍ଘ ବର୍ଷ ହେବ ରାଜସ୍ୱ ବିଭାଗ ଏବଂ ତହସିଲ ପ୍ରଶାସନ ମଧ୍ୟ ସହଯୋଗ କରି ଆସୁଛି। ଏନେଇ ଅତୀତରେ ୧୦ ଜଣ ଲେଖାଏ ଉପଜିଲାପାଳ ଏବଂ ତହସିଲଦାରଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସୁପାରିସ



ଆରୁହା କଳାପଥର ଖଣି ।

କରାଯାଇଥିଲା। ଏହାବାଦ ଏନ୍‌ଜିଟି ପକ୍ଷରୁ ୨୫ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ମଧ୍ୟ ହୋଇଥିଲା। କିନ୍ତୁ ସେଗୁଡ଼ିକୁ କଳେବଳେ କୌଶଳେ ଚପାଇ ଦିଆଯାଇଛି। ନିକଟରେ ସାଟେଲାଇଟ୍ ମାପଚୁପ କରି ଲିଜଧାରୀ ରଞ୍ଜନ ଜେନା, ସରୋଜ ସାହୁ, ଚନ୍ଦ୍ରମଣି ପରିଡ଼ା ଓ ସାବିତ୍ରୀ ପରିଡ଼ାଙ୍କ ନାମରେ ୧୦୫ କୋଟି ଟଙ୍କା ଆଦାୟ ନୋଟିସ ହୋଇଥିଲା। ଏହି ନୋଟିସକୁ ପ୍ରାୟ ୫ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଟଙ୍କାଟିଏ ବି ଆଦାୟ ହୋଇ ପାରିନାହିଁ। ସେହିପରି ତ୍ରିନାଥ ଜେନାଙ୍କ ନାମରେ ପ୍ରାୟ ୧୦ କୋଟି ଟଙ୍କା ଏବଂ ପ୍ରହ୍ଲାଦ ଲେଙ୍କାଙ୍କ ନାମରେ ୧୫ କୋଟି ଟଙ୍କା ଆଦାୟ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନୋଟିସ ହୋଇଛି। ତାହା ବି ନୋଟିସରେ ସୀମିତ ରହିଛି। ଅନ୍ୟପକ୍ଷେ ଡଙ୍କାରୀରେ ୮ ଏକର, ଲୁଣିବର ୧୨.୫୦ ଏକର ଏବଂ ବାଜବାଟି ପାହାଡ଼ରେ ୭ ଏକର ଜମିରେ ମାପଚୁପ ସମ୍ପନ୍ନ କରାଯାଇ ସଂସ୍ଥା ପକ୍ଷରୁ ଜିଲା ଓ ତହସିଲ ପ୍ରଶାସନ ନିକଟରେ ରିପୋର୍ଟ ଦାଖଲ ହୋଇଥିବା ସୂଚନା ମିଳିଛି। ଏହି ପ୍ରକ୍ରିୟାରେ ୧୫ ଦିନ ପୂର୍ବରୁ ଡଙ୍କାରୀ ପାହାଡ଼ର ଲିଜଧାରୀ ଜ୍ୟୋତ୍ସ୍ନା ଜେନା, ବରଡାର ଅଜିତ ସାହୁ ଓ ପ୍ରହ୍ଲାଦ ଲେଙ୍କା, ଲୁଣିବର ପାହାଡ଼ରୁ ଗଙ୍ଗାଧର ଓଝା ଓ ରଙ୍ଗାଧର ପ୍ରଧାନ, ଅଞ୍ଜିରାରୁ କୃଷ୍ଣଚନ୍ଦ୍ର ସାହୁ, ବାଜବାଟିରୁ ବିଶ୍ୱରଞ୍ଜନ ପରିଡ଼ା, ସୁଧାଂଶୁ ଜେନା ଓ ଶ୍ରୀନିବାସ ଜେନା ଏବଂ ଆରୁହା ପାହାଡ଼ରୁ ମନୋଜ ଜେନାଙ୍କ ନାମ ସାମିଲ ରହିଛି। ଏହି ୫ ପାହାଡ଼ର ୧୦ଟି ଖାଦାନରୁ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ଲିଜଧାରୀମାନଙ୍କୁ ପୋଷ୍ଟ ଯୋଗେ ଏହି ନିର୍ଦ୍ଦେଶ ପ୍ରେରଣ କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ପ୍ରଶାସନ ପକ୍ଷରୁ ପୂର୍ବରୁ ଯେତେ ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି ସେମାନଙ୍କ ବିରୋଧରେ ଏଯାଏ ଅନ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନୁମୋଦନଠାରୁ ଅଧିକ ଉତ୍ତୋଳନ ପାଇଁ ପ୍ରବଳ ବ୍ଲାଷ୍ଟିଂ କରାଯାଉଛି। ଏଥିରେ ପରିବେଶ ଅତ୍ୟଧିକ ପ୍ରଦୂଷିତ ହେଉଛି। ତେଣୁ ଆଇନ ଅନୁଯାୟୀ ସେହି ଲିଜ୍‌ଧାରୀମାନଙ୍କ ବିରୋଧରେ ଫୌଜଦାରି ମାମଲା ସହ ପରିବେଶଗତ ଅନୁମତି ପ୍ରତ୍ୟାହାର କରି ଖାଦାନକୁ ବନ୍ଦ କରିବା କଥା। କିନ୍ତୁ ଏଥିରେ ଜିଲା ପ୍ରଶାସନ ନୀରବି ଯାଇ କେବଳ ଜରିମାନା ପାଇଁ ଡିମାଣ୍ଡ ନୋଟିସ ଦେଇ ନିଜର ବାହାବା ମାରୁଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ସପ୍ତାହ ମଧ୍ୟରେ ଜରିମାନା ପାଇଁ ଡିମାଣ୍ଡ ନୋଟିସ ଜାରି ହେବାର ଥିଲା। ତେବେ ଧର୍ମଶାଳା ତହସିଲଦାରଙ୍କୁ ବୁଝି ମଙ୍ଗଳବାର ତଥ୍ୟ ଦେଇ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ ।

## ୯ ଲିଜ୍‌ଧାରୀଙ୍କୁ ୧୪୭ କୋଟି ୩୭ ଲକ୍ଷ ଟଙ୍କା ଜରିମାନା

### ଅଧିକ କଳାପଥର ଉତ୍ତୋଳନ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଧର୍ମଶାଳା,୧୭।୪(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ତହସିଲ ପକ୍ଷରୁ ୯ ଜଣ ଲିଜ୍‌ଧାରୀଙ୍କୁ ଅଧିକ କଳାପଥର ଉତ୍ତୋଳନ ପାଇଁ ୧୪୭ କୋଟି ୩୭ ଲକ୍ଷ ୧ ହଜାର ୫୦୨ଟଙ୍କା ଜରିମାନା କରାଯାଇଛି । ସୋମବାର ତହସିଲଦାରଙ୍କ ସ୍ୱାକ୍ଷରରେ ଏହି ନୋଟିସ ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ଧର୍ମଶାଳା ତହସିଲ ଅଧୀନ ଲିଜ୍‌ଧାରୀ ଜ୍ୟୋତ୍ସ୍ନା ଜେନାଙ୍କ ଖାଦାନକୁ ୭୯କୋଟି ୪୬ ଲକ୍ଷ ୧ ହଜାର ୨୨୬ ଟଙ୍କା, ଅଜିତ ସାହୁଙ୍କ ଖାଦାନକୁ ୪ କୋଟି ୪୩ ଲକ୍ଷ ୭୨ ହଜାର ୨୭୯ଟଙ୍କା, ଗଙ୍ଗାଧର ଓଝାଙ୍କ ଖାଦାନକୁ ୧୯ କୋଟି ୧୫ ଲକ୍ଷ ୧୩ହଜାର ୪୪୬ଟଙ୍କା, ରଙ୍ଗାଧର ପ୍ରଧାନଙ୍କ ଖାଦାନକୁ ୧୬ କୋଟି ୬୮ ଲକ୍ଷ ୬୮ହଜାର ୯୬୪ ଟଙ୍କା, କୃଷ୍ଣଚନ୍ଦ୍ର ସାହୁଙ୍କ ଖାଦାନକୁ ୧୩ କୋଟି ୩୧ ଲକ୍ଷ ୩୧ହଜାର ୬୭୦, ସୁଧାଂଶୁ ଜେନାଙ୍କ ଖାଦାନକୁ ୭ କୋଟି ୫୨ ଲକ୍ଷ ୫ହଜାର ୧୪୦ଟଙ୍କା, ବିଶ୍ୱରଞ୍ଜନ ପରିଡ଼ାଙ୍କ ଖାଦାନକୁ ୯ କୋଟି ୫୫ ଲକ୍ଷ ୮୮ହଜାର ୪୪ ଟଙ୍କା, ଶ୍ରୀନିବାସ ଜେନାଙ୍କ ଗୋଟିଏ ଖାଦାନକୁ ୩ କୋଟି ୩୭ ଲକ୍ଷ ୮୦ ହଜାର ୧୩୦ ଟଙ୍କା ଓ ଅନ୍ୟ ଏକ ଖାଦାନକୁ ୫ କୋଟି ୮୬ ଲକ୍ଷ ୪୨ ହଜାର ୪୧୯ ଟଙ୍କା ଏବଂ ପ୍ରହ୍ଲାଦ ଲେଙ୍କାଙ୍କ ଖାଦାନକୁ ୪ କୋଟି ୬୮ ଲକ୍ଷ ୬୭ ହଜାର ୩୪୮ ଟଙ୍କା ଜରିମାନା ହୋଇଛି ବୋଲି ତହସିଲଦାର ସ୍ୱାଗତ ଦାସ କହିଛନ୍ତି। ଉପରୋକ୍ତ ଖାଦାନଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ଅଭିଯୋଗ ପରେ ଗତ ସେପ୍ଟେମ୍ବରରେ ଡ୍ରୋନ କ୍ୟାମେରା ସହାୟତାରେ ମାପଚୁପ କରାଯାଇଥିଲା । ସୂଚନାଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ଅଧିକ କଳାପଥର ଉତ୍ତୋଳନ କରିଥିବା ଲିଜ୍‌ଧାରୀଙ୍କ ଖାଦାନକୁ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା କରାଯାଇଥିଲା ।

# ବିରୂପା ନଦୀକୁ ଛୋଟି ପଞ୍ଚାୟତର ୫ ୱାର୍ଡବାସୀଙ୍କ ଭରସା

**ଡେରାବିଶରେ ପାନୀୟଜଳ ସଙ୍କଟ**

ଡେରାବିଶ ୧୭।୪ (ସ୍ୱ.ପ୍ର.)

ଡେରାବିଶ ବ୍ଲକର ଅଞ୍ଚଳ ସପ୍ତାହେ ହେବ ୪୦ ଡିଗ୍ରୀ ପାଖାପାଖି ତାପମାତ୍ରା ରହିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ବ୍ଲକର କେତେକ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବସୁଧା ଯୋଜନା ଯୋଗେ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଯୋଜନା କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ପାନୀୟ ଜଳ ଯୋଗାଣ ବିଭାଗର ଅପାରଗତା ପାଇଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସଙ୍କଟ ଏବେ ଉତ୍କଟ ରୂପ ଧାରଣ କରିଛି। ବ୍ଲକ ଅଧୀନସ୍ଥ ଛୋଟି ପଞ୍ଚାୟତର ଛୋଟିଠାରେ ଥିବା ଓଭରହେଡ୍ ପାଣିଟାଙ୍କିରୁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି।



ବିରୂପା ନଦୀରୁ ମହିଳା ପୁରୁଷମାନେ ନିତ୍ୟ ବ୍ୟବହାର ପାଇଁ ପାଣି ନେଇ ଆସୁଛନ୍ତି।

ହେଲେ ଜାନୁୟାରୀରୁ ପଞ୍ଚାୟତ ଅଧୀନ ୫ଟି ୱାର୍ଡରେ ୨୦୦୦ରୁ ଊର୍ଦ୍ଧ୍ୱ ଅଧିବାସୀ ପନୀୟ ଜଳ ସଙ୍କଟରେ ଘାଣ୍ଟି ହେଉଛନ୍ତି। ତେବେ ବର୍ତ୍ତମାନ ପାନୀୟ ଜଳର ଅନ୍ୟ କୌଣସି ବିକଳ୍ପ ଉତ୍ସ ନ ଥିବାରୁ ଛୋଟି ପଞ୍ଚାୟତ ଦେଇ ଯାଇଥିବା ବିରୂପା ନଦୀର ପାଣିକୁ ଜଳ କ୍ଲିଷ୍ଟ ଲୋକଙ୍କ ପାଇଁ ସାହାରା ପାଲଟିଛି। ଯେଉଁ ନଦୀରେ ଗୃହପାଳିତ ପ୍ରାଣୀ ପାଣିକୁ ବ୍ୟବହାର କରୁଛନ୍ତି ସେହି ନଦୀର ଦୂଷିତ ଜଳକୁ ଜଳ କ୍ଲିଷ୍ଟ ଲୋକମାନେ ମଧ୍ୟ ନିଜକୁ ବଞ୍ଚାଇବା ପାଇଁ ଘରଠାରୁ ୨ କିଲୋମିଟର ଦୂର ନଦୀରୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପାଣି ଆଣୁଥିବା ଦେଖିବାକୁ ମିଳିଛି। ତେବେ ଏ ବିଷୟରେ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବାଶିଷ ଧଳଙ୍କୁ ପଚାରିବାରେ ଓଭରହେଡ୍ ଟାଙ୍କିରୁ ସମ୍ପୃକ୍ତ ଗ୍ରାମଗୁଡ଼ିକୁ ପାଇପ୍ ବିଛାଇବା ପାଇଁ ଜଣେ ଠିକାଦାରକୁ ଦାୟିତ୍ୱ ଦିଆଯାଇଥିଲା। ଠିକାଦର ଜଣକୁ ବିଭାଗୀୟ ଡାଇଗ୍ରାମ ଅନୁସାରେ କେତେକ ଜାଗାରେ ଯାଇଥିବା ପୁରୁଣା ପାଇପ୍ ରହିବା ସହ ଅନ୍ୟ ଜାଗାରେ ନୂଆ ପାଇପ୍ ବିଛା ହେବା ପାଇଁ କୁହାଯାଇଥିଲା। ମାତ୍ର ଜଳ କ୍ଲିଷ୍ଟ ଗ୍ରାମର କେତେଜଣ ବ୍ୟକ୍ତି ପୁରୁଣା ପାଇପ୍‌କୁ ସମ୍ପୂର୍ଣ୍ଣ ଉଠାଇ ନୂଆ ପାଇପ୍ ଯୋଗେ ଜଳ ଯୋଗାଇବାକୁ ଜିଦ୍ ଧରିଥିବାରୁ ଠିକାଦାର ଅଧାରୁ କାମ ବନ୍ଦ କରିଦେଇଛନ୍ତି। ଫଳରେ ଏଭଳି ସମସ୍ୟା ଉପୁଜିଛି। ଲୋକଙ୍କୁ କେବେ ପାନୀୟ ଜଳ ଯୋଗାଇ ଦିଆଯିବ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ଜଳ କ୍ଲିଷ୍ଟ ଲୋକମାନେ ମାଠିଆ ଗରା ଧରି ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ୫ନଂ.ୱାର୍ଡର ଅଧିବାସୀ ସୁବାସ ସାହୁ କହିଛନ୍ତି।

## ଦେଢ଼ କିଲୋ ଗଞ୍ଜେଇ ଜବତ: ୨ କୋର୍ଟ ଚାଲାଣ

ତିର୍ତ୍ତୋଲ, ୧୭।୪ ( ଡି.ଏନ.ଏ. )

ତିର୍ତ୍ତୋଲ ଥାନା ତେନ୍ତୁଳିପଦା ପଞ୍ଚାୟତ ବାଇଁଗୋଳ ସ୍କୁଲ ନିକଟରେ ରବିବାର ରାତିରେ ପୋଲିସ ଚଢ଼ାଉ କରି ଦେଢ଼ କିଲୋ ଗଞ୍ଜେଇ ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମୂଳିସିଂ ପଞ୍ଚାୟତ ହରିସିଂପୁର ଗ୍ରାମର ଅଭୟ କୁମାର ମଲ୍ଲିକ ଏବଂ ତରଜଙ୍ଗା ପଞ୍ଚାୟତ ପୂର୍ବପଡ଼ା ଗାଁର ସୁବାସ ମଲ୍ଲିକ। ଅଭୟ ବାଇଁଗୋଳ ସ୍କୁଲ ନିକଟରେ ଏକ ବାଇକ୍‌ରେ ଗଞ୍ଜେଇ ବିକ୍ରି କରୁଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ଥାନାରେ ପଚରାଉଚୁରା ସମୟରେ ସୁବାସ ତାଙ୍କୁ ଏହି ଗଞ୍ଜେଇ ଯୋଗାଇଥିବା କହିଥିଲେ। ତାଙ୍କ ସୂଚନା ଆଧାରରେ ସୁବାସଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୧୮୬/୨୩) ରୁଜୁ ହୋଇଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗାୟତ୍ରୀ



@ ମାନସ




@ ପୁରୁଷୋତ୍ତମ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ପଙ୍ଖା ନାହିଁ

**ଛଟପଟ ହେଉଛନ୍ତି ରୋଗୀ**

ଯାଜପୁର ଟାଉନ, ୧୭।୪ (ଡି.ଏନ.ଏ.)




ଡାକ୍ତରଖାନା ଛାତରେ ପଙ୍ଖା ନାହିଁ।

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଛଟପଟ ରୋଗୀ। ଅଧିକାଂଶ ସ୍ଥାନରେ ପଙ୍ଖା ନାହିଁ । ଯେଉଁଠି ପଙ୍ଖା ଅଛି ତାହା ଅଚଳ ଅବସ୍ଥାରେ ଝୁଲୁଛି । ଏବେ ତାପମାତ୍ର ୪୦ ଡିଗ୍ରୀ ଉପରେ ରହୁଥିବାରୁ ରୋଗୀମାନେ ଡାକ୍ତରଖାନାରେ ଛଟପଟ ହେଉଛନ୍ତି। ବହୁ ରୋଗୀ ହାତ ପଙ୍ଖା ବ୍ୟବହାର କରୁଥିବା ବେଳେ ଆଉ କେହି ପଙ୍ଖା କିଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ।

ସୂଚନା ଅନୁଯାୟୀ, ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳକୁ ଦୈନିକ ଶତାଧିକ ଗର୍ଭବତୀ ଏବଂ ଶିଶୁ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ୫ ମହଲା ବିଶିଷ୍ଟ ଚିକିତ୍ସାଳୟରେ ଦୈନିକ ୩ଶହରୁ ଊର୍ଦ୍ଧ୍ୱ ରୋଗୀ ରହୁଥିବାବେଳେ ସେମାନଙ୍କ ସମ୍ପର୍କୀୟ ସଂଖ୍ୟା ବି ଅଧିକ। ଏଥି ସହିତ ଡାକ୍ତରଖାନା କର୍ମଚାରୀମାନେ ବି ଅଛନ୍ତି । କିନ୍ତୁ ଶିଶୁ ବିଭାଗର ପ୍ରତ୍ୟେକ ୱାର୍ଡକୁ ଛାଡିଦେଲେ ବାରଣ୍ଡାରେ ଲାଗିଥିବା ଶତାଧିକ ପଙ୍ଖାକୁ କାଢ଼ି ନିଆଯାଇଛି। ଏହା ବ୍ୟତୀତ ବାହାରେ ରହୁଥିବା ରୋଗୀମାନେ ଏବଂ ସେମାନଙ୍କ ସମ୍ପର୍କୀୟ ଗରମରେ ଛଟପଟ ହେଉଛନ୍ତି। ଶିଶୁ ବିଭାଗର ୫ ମହଲାରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ପଙ୍ଖା ଲାଗିଥିବା ବେଳେ ୱାର୍ଡ ବ୍ୟତୀତ ଆଉ ସବୁ ଅଚଳ। ୨ଶହରୁ ଊର୍ଦ୍ଧ୍ୱ ପଙ୍ଖା ୨ମାସ ହେଲା ମରାମତି ପାଇଁ ଯାଇଥିବାବେଳେ କେତେକ ପଙ୍ଖା ଥାଇ କି ବି ଚାଲୁନାହିଁ। ଫଳରେ ରୋଗୀମାନେ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ବିଞ୍ଚଣା ହିଁ ଭରସା ସାଜିଛି। କେହି କେହି ଘରୁ କିମ୍ବା କିଣିକି ପଙ୍ଖା ଆଣିଥିଲେ ମଧ୍ୟ ସୁଇଚ୍‌ବୋର୍ଡରେ କରେଣ୍ଟ ଆସୁ ନ ଥିବାରୁ ତାହା ବି ବ୍ୟବହାର ହୋଇପାରୁ ନ ଥିବା ରୋଗୀଙ୍କ ସମ୍ପର୍କୀୟମାନେ କହୁଛନ୍ତି। ଡାକ୍ତରଖାନାରେ ଲାଗିଥିବା ଫ୍ୟାନ୍‌ଗୁଡ଼ିକୁ ମରାମତି କରିବା ପାଇଁ କିଏ ନେଇଛି, ତାହା କେବେ ଫେରିବ ତାର ସୂଚନା କାହା ପାଖରେ ନାହିଁ। ଏନେଇ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଜଗଦୀଶ ପ୍ରସାଦ ଦାସଙ୍କୁ ପଚାରିବାରୁ ସେ ରାଗି ଯାଇ ନିଜର ଏସି ବନ୍ଦ କରି ଦେବା ସହ ସେ କୌଣସି କାମ କରିବାକୁ ଅଯୋଗ୍ୟ ବୋଲି କହିଛନ୍ତି। ଏନେଇ ଡାକ୍ତରଖାନା ମ୍ୟାନେଜର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବି କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏପରି ପରିସ୍ଥିତିରେ ରୋଗୀମାନେ କଷ୍ଟ ପାଉଥିବା ଅଭିଯୋଗ ହୋଇଛି ।

# ତୁଳସୀ କ୍ଷେତ୍ରରେ ଐତିହ୍ୟ ସ୍ମାରକୀ ଅବହେଳିତ

**ଆଜି ବିଶ୍ୱ ଐତିହ୍ୟ ଦିବସ**

■ ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା

■ ପ୍ରଚାର ପ୍ରସାର ସହ ସଂରକ୍ଷଣ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୧୭।୪



ଶ୍ରୀ ବଳଦେବଜୀଉ ମନ୍ଦିର।



ମାର୍ଶାଘାଇ ବ୍ଲକ ବବକରପୁରଠାରେ ପୂଜା ପାଉଥିବା ଗରୁଡ଼ ମୂର୍ତ୍ତି।

ମଙ୍ଗଳବାର ବିଶ୍ୱ ଐତିହ୍ୟ ଦିବସ। ନିଜ ଅଞ୍ଚଳର ଐତିହ୍ୟ ସ୍ମାରକୀ ଚିହ୍ନଟ ଓ ଏହାର ସଂରକ୍ଷଣ ପାଇଁ ଇଣ୍ଟରନ୍ୟାଶନାଲ କାଉନସିଲ ଅନ୍ ମୁନମେଣ୍ଟ ଆଣ୍ଡ ସାଇଟ୍ସ ପକ୍ଷରୁ ୧୯୮୨ ମସିହାରୁ ଉଦ୍ୟମ ହେଉଥିଲେ ମଧ୍ୟ ଏହି ଦିବସ ପ୍ରତି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଜିଲାର ରାଜନଗର ବ୍ଲକସ୍ଥିତ ଭିତରକନିକା ଆର୍ଦ୍ରଭୂମି ଜୈବ ବିବିଧତା ପାଇଁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇ ୨୦୧୬ ମସିହାରେ ଆଇୟୁସିଏନ (ଇଣ୍ଟନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର) ଟିମ୍ ଆସିଥିଲେ ମଧ୍ୟ ବିଭିନ୍ନ କାରଣରୁ ୨୦୧୭ ମସିହା ବୈଠକରେ ଖାରଜ ହୋଇଛି। ସେହିପରି ତୁଳସୀ କ୍ଷେତ୍ର ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଥିବା ଇତିହାସ ଓ ଐତିହ୍ୟ ସ୍ମାରକୀ ଅବହେଳାର ଶିକାର ହୋଇଥିବା ଆଲୋଚନା ହେଉଛି। ସ୍ମାରକୀର ସଂରକ୍ଷଣ ପର୍ଯ୍ୟଟନ ଶିଳ୍ପ ବୃଦ୍ଧିକରି ଜିଲାର ଆର୍ଥିକ ବ୍ୟବସ୍ଥାରେ ସହଯୋଗ କରିବ ବୋଲି ବହୁ ବୁଦ୍ଧିଜୀବୀଙ୍କ ମତପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ଗବେଷକ ଡ. ସର୍ବେଶ୍ୱର ସେଣ, ବୁଦ୍ଧିଜୀବୀ ପ୍ରଭାକର ସାମଲ, ତ୍ରିଲୋଚନ ଦାସ, ଦୋଲଗୋବିନ୍ଦ ଜେନା, ଅଶୋକ ସ୍ୱାଇଁ ପ୍ରମୁଖ କୁହିଛନ୍ତି, ଇଚ୍ଛାପୁରର ଶ୍ରୀବଳଦେବ ଜୀଉ, ସହରର ଗୋବିନ୍ଦଜୀଉ, ତମାଳ ଶାସନର ଦଧିବାମନ ଜୀଉ, ସନ୍ଥପୁରାର ଶିବମନ୍ଦିର, ଆଳିର ଲକ୍ଷ୍ମୀବରାହ ଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା ବଡିଘର ଆଦି ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନସ୍ଥଳୀ ବୋଲି ଅଧିକାଂଶ ଜିଲାବାସୀଙ୍କୁ ଅଜ୍ଞାତ ଅଛନ୍ତି। ପ୍ରଚାର ପ୍ରସାର ସହ ପର୍ଯ୍ୟଟନସ୍ଥଳକୁ ଉତ୍ତମ ରାସ୍ତା ନାହିଁ। ସେହିପରି ଭିତରକନିକାର ଜୈବ ବିବିଧତା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଖରସ୍ରୋତା ନଦୀରୁ ପାଣି ଉଠାଗଲେ ଏହି ଆର୍ଦ୍ରଭୂମିକୁ ମଧୁର ଜଳ ହ୍ରାସ ହେବ ବୋଲି ଜାଣିବା ସତ୍ତ୍ୱେ ଏହାର ନିରାକରଣ କରାଯାଉନାହିଁ। ତଟକ୍ଷୟ, ଚିଙ୍ଗୁଡ଼ି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତର, ଇକୋ ସେନ୍‌ସେଟିଭ ଜୋନ୍ ସମ୍ପର୍କରେ ସଚେତନତା ଅଭାବ ଆଦି କାରଣ ଜାତୀୟ ଉଦ୍ୟାନ ମାନ୍ୟତା ପ୍ରତି ବିପଦ ରହିଛି। ଉପଯୁକ୍ତ ପର୍ଯ୍ୟଟନ କ୍ଷେତ୍ର ରାଜସ୍ୱ ଆଣିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାର ସୃଷ୍ଟିର ମାଧ୍ୟମ ହୋଇଥାଏ। ଜିଲାରେ ପ୍ରାକୃତିକ ପରିବେଶ, ପେଣ୍ଠ, ବରୁଣାଇ, ଅଗରନାସୀ ଆଦି ବେଳାଭୂମିର ଐତିହାସିକ ଓ ସାଂସ୍କୃତିକ ବିଭବ ଭରପୂର ଅଛି। ଏହାର ସୁବିନିଯୋଗ ଆବଶ୍ୟକ। ରାଜନଗର ବ୍ଲକ ରିଘାଗଡ଼ର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧିବାମନ ଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳ ମାନ୍ୟତା ଅପେକ୍ଷାରେ ଅଛି। ଏହା ବ୍ୟତୀତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମତ୍ସ୍ୟେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛନାଥ ସମାଧି ସହ ବୌଦ୍ଧଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ନାହିଁ। ଏହା ବ୍ୟତୀତ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବିଲି ପାଠାଗାର, ସୂର୍ଯ୍ୟଘଡ଼ି, ନୋଳସାହି ରାଜନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅର ଆଦି ଏହି ଜିଲାରେ ଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। ବବକରପୁରରେ ଥିବା ପୁରୁଣା ବଳଦେବଜୀଉ ମନ୍ଦିରର ଗରୁଡ଼ ମୂର୍ତ୍ତି ପରି ଐତିହ୍ୟ ସାମଗ୍ରୀ ରଖିବା ପାଇଁ କୌଣସି ମ୍ୟୁଜିୟମ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଐତିହ୍ୟ ସ୍ମାରକୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଜିଲାରେ ଥିବା ଏପରି ସ୍ଥାନର ଐତିହାସିକ ଭିତ୍ତିଭୂମି ଉପରେ ତଥ୍ୟ ମିଳିଲେ ସୁରକ୍ଷା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଭାପୁର,୧୭।୪(ଡି.ଏନ.ଏ.): ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ଅଧୀନ ବେଗୁନିଆ ଗ୍ରାମର ପଦ୍ମନାଭ ପରିଡ଼ା (୬୮) ସୋମବାର ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ସକାଳ ସାଢେ ୭ ଟାରେ ପଦ୍ମନାଭ ପୋଖରୀକୁ ଗୋଧୋଇବା ପାଇଁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ସ୍ତ୍ରୀ ସଉରୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ପୋଖରୀକୁ ଯାଇଥିଲେ। ମାତ୍ର ସେଠାରେ ପଦ୍ମନାଭ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଉରୀ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଫାଣ୍ଡି ଅଧିକାରୀ ବିନୟ କୁମାର ପରିଡ଼ା, ଏସ୍ଆଇ ମମତା ସାହୁ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛନ୍ତି।

### ଖଣ୍ଡପଡ଼ା ତହସିଲରେ ରେକର୍ଡ ପରିମାଣର ରାଜସ୍ୱ ଆଦାୟ

ଖଣ୍ଡପଡ଼ା,୧୭।୪(ସ୍ୱ.ପ୍ର): ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଖଣ୍ଡପଡ଼ା ତହସିଲ ଅଧୀନ ବିଭିନ୍ନ ମୌଜାରେ ଥିବା ମୁଣ୍ଡିଆ, ପାହାଡ଼ ନିଲାମ, ବାଲିଘାଟ, ସୌରାତ ଓ ଅନ୍ୟ ସୂତ୍ରରୁ ମାର୍ଚ୍ଚ ୩୧ ସୁଦ୍ଧା ସର୍ବମୋଟ ୩ କୋଟି ୧୪ ଲକ୍ଷ ୬୫ ହଜାର ୫୮୧ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଏ ସମ୍ପର୍କିତ ରିପୋର୍ଟ ନୟାଗଡ଼ ଜିଲାପାଳ ଓ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗକୁ ପ୍ରଦାନ କରାଯାଇଥିବା ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟଙ୍କଠାରୁ ପ୍ରକାଶ।

### ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

ନୟାଗଡ଼ ଅଫିସ,୧୭।୪: ଶରଣକୁଳ ନିକଟସ୍ଥ ଚଢେୟାପଲ୍ଲୀ ଗ୍ରାମରେ ବିରାଜିତା ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ଶକ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମା'ଙ୍କର ମହାସ୍ନାନ କର୍ମ ଅନୁଷ୍ଠିତ ହେବା ପରେ ମାନସିକଧାରୀମାନଙ୍କ ଦ୍ୱାରା ଦୁଆଣ୍ଟ ନଦୀରୁ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କଳସ ସ୍ଥାପନ ପୂର୍ବକ, ଅଙ୍କୁରାରୋପଣ, ଯଜ୍ଞ ମଣ୍ଡପ, ଅଗ୍ନି ପୂଜା, ବ୍ରାହ୍ମଣବରଣ କରାଯାଇ ଷୋଡଶ ଉପଚାର ବିଧିପୂର୍ବକ ମା'ଙ୍କର ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଶେଷରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଘୃତ ଯଜ୍ଞ ଅନୁଷ୍ଠିତ ହୋଇ ଯଜ୍ଞ ନାରାୟଣଙ୍କୁ ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ସୋମବାର ପୂର୍ଣ୍ଣାହୂତି ହୋଇଥିଲା। ନାଗା ବାବା ଦାମୋଦର ମହନ୍ତ ଓ ସାଧୁସନ୍ଥଙ୍କ ଦ୍ୱାରା ବୈଦିକ ମନ୍ତ୍ର ଉଚ୍ଚାରଣରେ ମା'ଙ୍କ ପୀଠ ଉତ୍ସବ ହୋଇଥିଲା। ସୋମବାର ସକାଳେ ଭକ୍ତମାନେ ଠାକୁରଙ୍କୁ ବିମାନ ଧରି ଏକ ପଟୁଆରରେ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଚଢେୟାପଲ୍ଲୀ ସମେତ ଅଭିମାନପୁର, ଗୋଡିପଲ୍ଲୀ, ମାନପୁର, ନିମପଟଣା, ତେଲପଡା ଗ୍ରାମବାସୀ ସହଯୋଗ କରିଥିଲେ।

# ଶିଶୁ କଳାକାର ଶିବପାର୍ବତୀଙ୍କ ନୃତ୍ୟରେ ଦର୍ଶକ ବିଭୋର

## ୭ ବର୍ଷର ଭଉଣୀଭାଇଙ୍କ ଦଣ୍ଡନୃତ୍ୟ ଭାଇରାଲ ହେଉଛି

ନୟାଗଡ଼ ଅଫିସ,୧୭।୪

ହାତରେ ତ୍ରିଶୂଳ, ମୁଣ୍ଡରେ ଜଟା, ଆଉ ସାଙ୍ଗରେ ଅଛନ୍ତି ପାର୍ବତୀ। ଡମ୍ବରୁ ବଜେଇ ମଞ୍ଚରେ ଶିବ ପାର୍ବତୀଙ୍କ ନୃତ୍ୟ ବେଶ ଭାଇରାଲ ହେଉଛି ସାମାଜିକ ଗଣମାଧ୍ୟମରେ, ଯାହାକି ଦଣ୍ଡଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଠିକ୍ ଭାବେ କଥା କହିପାରୁ ନ ଥିବା ୨ କୁନି ଭଉଣୀଭାଇ ମଞ୍ଚରେ ନିର୍ଭୟରେ ନୃତ୍ୟ ପରିବେଷଣ କରିବା ଶିବଙ୍କ ଆଶୀର୍ବାଦ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି। ନୟାଗଡ଼ ବ୍ଲକ ସଠିଆପଲ୍ଲୀ ଗାଁର ବାଲୁଙ୍କେଶ୍ୱର ଦଣ୍ଡ ଠାକୁରଙ୍କ ୨୧ ଦିନିଆ ଦଣ୍ଡନାଚରେ ଦେଖିବାକୁ ମିଳିଛି ଭଉଣୀଭାଇଙ୍କ ନୃତ୍ୟ। ଭଉଣୀଭାଇ ଶିବଙ୍କୁ ପୂଜାର୍ଚ୍ଚନା କରୁଥିବାରୁ ଉଭୟ ଶିବ ପାର୍ବତୀ ବେଶ ଧାରଣା କରି ନାଚୁଛନ୍ତି। ସଠିଆପଲ୍ଲୀ ଗାଁର କାହ୍ନୁ ଚରଣ ସ୍ୱାଇଁଙ୍କ ପୁଅ ବାଦଲ ଓ ମୁରଲୀଧର ସ୍ୱାଇଁଙ୍କ ଝିଅ ବର୍ଷା। ଉଭୟ କୁନି ଭଉଣୀଭାଇଙ୍କ ବୟସ ମାତ୍ର ୭ ବର୍ଷ। ହେଲେ ମଞ୍ଚରେ ଦମ୍ଦାର ନୃତ୍ୟକରି ଦର୍ଶକଙ୍କୁ ବିମୋହିତ କରୁଛନ୍ତି।

ଶିବପାର୍ବତୀ ବେଶ ପରିଧାନକରି ଦଣ୍ଡଯାତ୍ରାରେ ନାଚ କରିବା ପଛରେ ରହିଛି ଭଉଣୀଭାଇଙ୍କ ଜିଦ। ଆଉ ସେହି ଜିଦ୍ ସେମାନଙ୍କୁ ସଫଳ ଶିଶୁ କଳାକାରର ମାନ୍ୟତା ଦେବାରେ ସଫଳ କରିଛି।


ଶିବପାର୍ବତୀ ବେଶରେ ଶିଶୁ କଳାକାର ଭାଇ ବାଦଲ ଓ ଭଉଣୀ ବର୍ଷା।

ଦଣ୍ଡନାଚ ପାଇଁ ଗାଁରେ ଚାଲିଥାଏ ଆଖଡ଼ା। ଆଖଡ଼ା ସମୟରେ କଳାକାରମାନେ ଅଭ୍ୟାସ କରୁଥାନ୍ତି। ଏହାକୁ ଦେଖି ବାଦଲ ଓ ବର୍ଷା ନିଜେ ନାଚିବାକୁ ଜିଦ ଧରିଥିଲେ। ଜେଜେବାପା ବୈକୁଣ୍ଠ ସ୍ୱାଇଁ ଦଣ୍ଡଯାତ୍ରାର ନିର୍ଦ୍ଦେଶକ ଥିବାରୁ ନାତିନାତୁଣୀଙ୍କୁ ନାଚ ଶିଖାଇବାକୁ ବାଧ୍ୟ ହେଲେ। ଢୋଲର ତାଳେ ତାଳେ ନୃତ୍ୟ ଶିଖାଇଥିଲେ। ଉଭୟ ଭଉଣୀଭାଇ ବାରମ୍ବାର ଅଭ୍ୟାସ ଏବଂ ମନରେ ଉତ୍ସାହ ଭରିବା ପରେ ହିଁ ମଞ୍ଚରେ ନୃତ୍ୟ ପରିବେଷଣ କରିବାକୁ ସକ୍ଷମ ହେଇଥିଲେ। ପ୍ରଥମେ ମଞ୍ଚରେ ଦର୍ଶକଙ୍କୁ ଦେଖି ଭୟ କରୁଥିଲେ। ପରବର୍ତ୍ତୀ ସମୟରେ ନିର୍ଭୟରେ ମଞ୍ଚରେ ନୃତ୍ୟ ପରିବେଷଣ କରି ଚମକାଇ ଦେଉଛନ୍ତି। ଏ ନେଇ କାହ୍ନୁ ଚରଣ କୁହନ୍ତି, ମୋ ପୁଅ ଓ ଝିଆରୀଙ୍କ ନୃତ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୨ ଭଉଣୀଭାଇ ନାଚ ଦେଖୁ ଦେଖୁ ନାଚରେ ମିଶିବାର ଜିଦ୍ କରି କାନ୍ଦିଥିଲେ। ସେମାନଙ୍କ ଜିଦ୍ ଜେଜେବାପା ପୂରଣ କରୁ କରୁ ଭଉଣୀଭାଇ ଶିଶୁ କଳାକାର ହୋଇ ନିଜର ପରାକାଷ୍ଠା ଦେଖାଇ ପାରିଛନ୍ତି।

ମାଛିପଡ଼ାର ସଞ୍ଜୟ ବେହେରା କୁହନ୍ତି, ଧୀରେ ଧୀରେ ଲୁଚିବାକୁ ବସିଲାଣି ସଂସ୍କୃତି ଓ ଲୋକକଳା। ଏସବୁ ଛାଡ଼ି ଲୋକେ ଆଧୁନିକ ନୃତ୍ୟକୁ ପସନ୍ଦ କରୁଛନ୍ତି। ହେଲେ ବାଦଲ ଏବଂ ବର୍ଷା ହୁଅନ୍ତୁ କିମ୍ବା ତାଙ୍କ ପରିବାର, ଆଧୁନିକ ନୃତ୍ୟ ପରିବର୍ତ୍ତେ ପାରମ୍ପରିକ ଲୋକନୃତ୍ୟ ପ୍ରତି ଭଲ ପାଇ ଅନ୍ୟମାନଙ୍କୁ ପାରମ୍ପରିକ ଲୋକନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରି ଚାଲିଛନ୍ତି।

# ଭାପୁରରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ଭାପୁର, ୧୭।୪ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୪୪ଟି ଅଭିଯୋଗ ଥିଲା। ସାମୂହିକ ଗ୍ରାମ ବିବାଦ ଗୋଟିଏର ଶୁଣାଣି କରାଯାଇଥିବା ବେଳେ ସମୁଦାୟ ୫୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୩୭ ଓ ରେଡ୍କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ସହାୟତା ପାଇଁ ଆବେଦନ କରିଥିଲେ। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଅତିରିକ୍ତ ଏସ୍ପି ଉମାକାନ୍ତ ମଲ୍ଲିକ , ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ରଞ୍ଜିତ କୁମାର ମଲ୍ଲିକ, ତହସିଲଦାର ଲଗ୍ନଜିତ ବେହେରା, ଏବିଡିଓ ସରୋଜ କୁମାର ନାୟକଙ୍କ ସମେତ ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସେମାନେ ବିଭିନ୍ନ ଅଭିଯୋଗର ଶୁଣାଣି କରିବାରେ ଉପଜିଲାପାଳଙ୍କୁ ସହଯୋଗ କରିଥିଲେ।

# ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

ନୟାଗଡ ଅଫିସ,୧୭।୪

ଇଟାମାଟି ଥାନା ବାଉଁଶିଆପଡା ଗାଁରେ ଯୌତୁକ ପାଇଁ ସଙ୍ଗୀତା ସ୍ୱାଇଁ ନାମକ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଜ୍ୱାଇଁ ପୋଲିସରେ ଥିବାରୁ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ ଉଠିଛି। ପ୍ରାପ୍ତ ଅଭିଯୋଗ ଅନୁସାରେ, ରଣପୁର ଥାନା ସୁନାଖଳା ଫାଣ୍ଡି କୋଟଶିଶିରା ଗାଁର ସଙ୍ଗୀତା (୨୪) ଇଟାମାଟି ଥାନା ବାଉଁଶିଆପଡ଼ା ଗାଁର ବିନୋଦ ସ୍ୱାଇଁଙ୍କୁ ୧୫ ମାସ ତଳେ ବିବାହ କରିଥିଲେ।

ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ଅଧିକ ଯୌତୁକକୁ ନେଇ ସଙ୍ଗୀତାଙ୍କୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦିଆଯାଉଥିଲା। ପରେ ହତ୍ୟା କରାଯାଇଛି ବୋଲି ବାପ ଘର ପକ୍ଷରୁ ଇଟାମାଟି ଥାନାରେ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ନେଇ ଆଇଆଇସି ବିଶ୍ୱଜିତ ରାଉତଙ୍କୁ ପଚାରିବାରେ ସଙ୍ଗୀତା ବିଷ ପିଇଥିବା ଶ୍ୱଶୁର ଘର ଲୋକ କହୁଛନ୍ତି। ଭୁବନେଶ୍ୱରର ଏକ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି। ଅନ୍ୟପକ୍ଷେ ଝିଅ ଘର ପକ୍ଷରୁ ହତ୍ୟା ଅଭିଯୋଗ ଥାନାରେ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ମାମଲା ରୁଜୁ ହୋଇନାହିଁ।

# ପଛୁଆ ବର୍ଗ ସାମାଜିକ ଓ ଶିକ୍ଷାଗତ ସର୍ଭେ ପ୍ରଶିକ୍ଷଣ ଶିବିର

ଖଣ୍ଡପଡ଼ା,୧୭।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ପଛୁଆବର୍ଗ ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେକ୍ଷଣ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଡେପୁଟି ଜିଲାପାଳ ଆୟୁଷ ଅଂଶୁଜା ମହାପାତ୍ର ଯୋଗଦେଇ ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଡିଓ ଅରୁଣୀମା ସାହୁ, ତହସିଲଦାର ଲିପ୍ସା ରାୟ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ଏବିଡିଓ ସୁବାସ ଚନ୍ଦ୍ର ସେଠୀ ପ୍ରମୁଖ ଶିବିରରେ ଉପସ୍ଥିତ ରହି ସବିଶେଷ ସୂଚନା ପ୍ରଦାନ କରିଥିଲେ। ଖଣ୍ଡପଡ଼ା ସହର ସମେତ ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ ବାସ କରୁଥିବା ପଛୁଆବର୍ଗ ଜନସାଧାରଣଙ୍କ ସାମାଜିକ ସ୍ଥିତି, ଶିକ୍ଷାଗତ ଯୋଗ୍ୟତା ଓ ଚାଲି ଚଳଣୀ ସମ୍ପର୍କରେ ସମସ୍ତ ତଥ୍ୟ କିପରି ସଂଗ୍ରହ କରାଯିବ ସେ ସମ୍ପର୍କରେ ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଦୁଷ୍ମନ୍ତ କୁମାର ପୃଷ୍ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ମେ ୧ରୁ ୨୭ ତାରିଖ ମଧ୍ୟରେ ସର୍ଭେକ୍ଷଣ କରାଯାଇ ସମସ୍ତ ତଥ୍ୟ ସଂଗ୍ରହ ନିମନ୍ତେ ୧୦୨ ଜଣ ଗଣନାକାରୀ ଓ କାର୍ଯ୍ୟ ତଦାରଖ ନିମନ୍ତେ ୮ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଖଣ୍ଡପଡ଼ା ସହରାଞ୍ଚଳର ୧୩ ଟି ୱାର୍ଡ ନିମନ୍ତେ ୮ ଜଣ ଗଣନାକାରୀ ଓ ୨ଜଣ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଗାୟତ୍ରୀ


@ ମାନସ


@ ପୁରୁଷୋତ୍ତମ


@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜୁବାବୁଙ୍କ ତିରୋଧାନ ଦିବସ

ଶରଣକୁଳ, ୧୭।୪(ଡି.ଏନ.ଏ.)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ରାଜ୍ୟର ପ୍ରସିଦ୍ଧ ଶୈବକ୍ଷେତ୍ର ପ୍ରଭୁ ଶ୍ରୀଲଡୁବାବାଙ୍କର ପୁଷ୍କରିଣୀରେ ଚତୁଃପାର୍ଶ୍ୱ ବିଜେଡି ପକ୍ଷରୁ ସୋମବାର ସଫେଇ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ଶରଣକୁଳ ସେବା ସମବାୟ ସମିତିର ସଭାପତି ବିଷ୍ଣୁପ୍ରିୟା ସାହୁ, ସାମାଜିକ କର୍ମୀ ବିକ୍ରମ କୁମାର ଦାଶ, ଜିତେନ୍ଦ୍ର କୁମାର ସାହୁ, ବୈକୁଣ୍ଠନାଥ ସୀଠ, ମନୋରଞ୍ଜନ ମହାପାତ୍ର, କୃଷ୍ଣଚନ୍ଦ୍ର ତ୍ରିପାଠୀ ଏବଂ ବହୁ ସଂଖ୍ୟାରେ କର୍ମୀ ଯୋଗଦେଇଥିଲେ। ସନ୍ଧ୍ୟାରେ ଲଡୁବାବାଙ୍କ ସିଂହଦ୍ୱାର ସମ୍ମୁଖ ଅରୁଣ ସ୍ତମ୍ଭ ନିକଟରେ ସମୂହ ଦୀପଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଗୋଡ଼ିପଡ଼ା ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଢିଆରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ, ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ କର୍ମୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର


ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

## ସମ୍ବଲପୁରରେ ହତ୍ୟା ଘଟଣାର ନୟାଗଡ଼ରେ ପ୍ରତିବାଦ

ନୟାଗଡ଼ ଅଫିସ,୧୭।୪

ହନୁମାନ ଜୟନ୍ତୀ ଶୋଭାଯାତ୍ରା ଅବସରରେ ସମ୍ବଲପୁରରେ ଜଣେ ଯୁବକଙ୍କୁ ହତ୍ୟା ଓ ପ୍ରଶାସନିକ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାର ପ୍ରତିବାଦ ସୋମବାର ନୟାଗଡ଼ରେ ଦେଖିବାକୁ ମିଳିଛି। ହତ୍ୟାକାରୀ ଓ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ବିଶ୍ୱ ହିନ୍ଦୁ ପରିଷଦର ନୟାଗଡ଼ ଜିଲା କର୍ମକର୍ତ୍ତା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ତଥା ଦେଶର ସୁରକ୍ଷା ପାଇଁ ହତ୍ୟାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

ସରକାରଙ୍କ ନିଷ୍କ୍ରିୟତା ଯୋଗୁ ହିନ୍ଦୁ ସମାଜ ଅସୁରକ୍ଷିତ ବୋଲି ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ତ୍ୱରାନ୍ୱିତ ହେବ ବୋଲି ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ନୟାଗଡ଼ ଜିଲା ସଭାପତି ଭଗବାନ ସାହୁ ଓ ସନ୍ତୋଷ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଣାଯାତ୍ରାର କଟକଣା ନେଇ ଉଦ୍‌ବେଗ

ନୟାଗଡ଼ ଅଫିସ,୧୭।୪

ରାଜ୍ୟର ଅନ୍ୟତମ ମୁଣ୍ଡପୂଜା ପୀଠ ନୟାଗଡ଼ ପୁରୁଣା ସହରରେ ବିଜେ ଦକ୍ଷିଣକାଳୀଙ୍କ ପୀଠରେ ପ୍ରସିଦ୍ଧ ପଣାଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୬ଦିନ ଧରି ଚାଲିବ। ତେବେ ଶୁକ୍ରବାର ରାତିରେ ଅତସବାଜି ପ୍ରତିଯୋଗିତାକୁ ପାହାନ୍ତିଆ ପର୍ଯ୍ୟନ୍ତ କରାଇବାରେ ପ୍ରତିବନ୍ଧକ ଲଗାଇବା ପରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ଯାତ୍ରାର ଦୋକାନ ବଜାର ୧୦ଟା ପରେ ବନ୍ଦ କରାଇବାକୁ ନେଇ ଅନୁରୂପ ପ୍ରତିବାଦ ଉଠିଛି। ବହୁଦିନର ପରମ୍ପରାକୁ ପୋଲିସ କଟକଣା ଆଳରେ କାଟଛାଣ୍ଟ କରି ରାତି ୧୦ଟା ରଖି ଦେବା ପରେ ଉଦ୍‌ବେଗ ପ୍ରକାଶ ପାଇଛି। ଯଦି ଦଶପଲ୍ଲାର ରାବଣ ପୋଡି ଉତ୍ସବ ଓ ଲଙ୍କପୋଡି ଯାତ୍ରା ରାତି ତମାମ ଚାଲୁ ରହିଛି ତେବେ ନୟାଗଡ଼ରେ କାହିଁକି ଏ କଟକଣା। ଗୋଟିଏ ପୋଲିସ ଜିଲାରେ ଭିନ୍ନ ଆଇନ କିପରି ଲାଗୁ ହେଉଛି ବୋଲି ପ୍ରଶ୍ନ ଉଠିଛି। ଦଶପଲ୍ଲା ପରି ପଣାଯାତ୍ରାକୁ କଟକଣା ଆଳରେ ବନ୍ଦ ନ କରିବାକୁ ମତ ପ୍ରକାଶ ପାଇଛି। ଏ ନେଇ ପୁରୁଣା ସହରର ଭବାନୀ ଚରଣ ଦାଶ କୁହନ୍ତି, କଟକଣା ନାଁରେ ପଣା ସଂକ୍ରାନ୍ତି ଯାତ୍ରାକୁ ବାଟବଣା କରାଯାଉଛି। ପରମ୍ପରାକୁ ଦଳି ଚକଟି ନଷ୍ଟ କରାଯାଉଛି। ଏଭଳିଆ କଟକଣା ଦେବୀ ପୀଠରେ ଠିକ୍ ନୁହେଁ କହି କ୍ଷୋଭ ପ୍ରକାଶ କରିଛନ୍ତି। ପୋଲିସ ତା'ର ନୀତିରେ ପରିବର୍ତ୍ତନ ଆଣି କଟକଣା ଲାଗୁ ପୂର୍ବରୁ ସାଧାରଣ ଲୋକଙ୍କର ମତ ନେବା ଜରୁରୀ ବୋଲି ସେ କହିଛନ୍ତି।

## ରାତି ୧୦ଟାରେ ଯାତ୍ରା, ବାଣଫୁଟା ବନ୍ଦର ପ୍ରତିବାଦ


ରାସ୍ତା କଡରେ ଥିବା ବାଇକ୍ ଷ୍ଟାଣ୍ଡ।

## ଜାତୀୟ ରାଜପଥରେ ସାଇକେଲ ଷ୍ଟାଣ୍ଡ

ପଣାଯାତ୍ରାରେ ସନ୍ଧ୍ୟା ହେଲେ ଗହଳି ବଢୁଛି। ଠାକୁରାଣୀଙ୍କ ଦର୍ଶନ ସହ ଯାତ୍ରା ଦେଖିବାର ମଜା ନିଆରା। ବିଭିନ୍ନ ପ୍ରକାରର ଦୋଳି ସହ ମନ ମୁତବାକ ଘର ଉପକରଣ ଅସ୍ଥାୟୀ ଦୋକାନରେ ମିଳୁଛି। ତେବେ ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଦକ୍ଷିଣକାଳୀ ମନ୍ଦିର ପାଇଁ ଉଦ୍ଦିଷ୍ଟ ଗେଟ ସମ୍ମୁଖ ରାସ୍ତାକଡରେ ଅସ୍ଥାୟୀ ଦୋକନ ପଡିବାକୁ ନିଷ୍ପତ୍ତି ହୋଇଥିଲା। ତେବେ କେତେଗୋଟି ଅସ୍ଥାୟୀ ଦୋକାନ ରାସ୍ତାର ଅପରପାର୍ଶ୍ୱରେ ପଡିବାରୁ ଗହଳି ହେଉଛି। ପୁଣି ରାସ୍ତାର ଉଭୟପାର୍ଶ୍ୱ ଜାତୀୟ ରାଜପଥ ଉପରେ ସାଇକେଲ ଷ୍ଟାଣ୍ଡ କରିବାରୁ ଟ୍ରାଫିକ ଜାମ ହେଉଛି। ଯାନବାହାନ ଚଳାଚଳରେ ଅସୁବିଧା ନ ହେବା ପାଇଁ ବ୍ୟବସ୍ଥା ପୋଲିସ ମୁତୟନ ସତ୍ତ୍ୱେ ଟ୍ରାଫିକ ଜାମ ରହୁଛି।

